ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 11 | 13 - 19 March 2022 | Sambalpur | Page-12 | Invitation Price Rs.10

# ବି.ଏମ୍. ପଟ୍ଟନାୟକ ୟୁ.ପି ସ୍କୁଲର ନବ ନିର୍ମିତ କୋଠା ପି.କେ. ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ

ସମ୍ବଲପୁର: ଦେଶର ସର୍ବାଧିକ ପ୍ରଭାବଶାଳୀ ପ୍ରଶାସକ ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଛୋଟ ବେଳେ ପାଠ ପଢ଼ିଥିବା ପଟ୍ଟନାୟକପଡ଼ା ସ୍ଥିତ ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବ ନିର୍ମିତ ଭବ୍ୟ କୋଠାକୁ ଲୋକାର୍ପଣ କରିଛନ୍ତି। ଏହି ଉତ୍ସବରେ ଏନଟିପିସିର ଅଧକ୍ଷ ଗୁରୁଦୀପ ସିଂ, ସମ୍ବଲପୁର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧିକ୍ଷକ ବାତୁଲା ଗଙ୍ଗାଧରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏନଟିପିସିର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଡକ୍ଟର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରାୟ ଦେଢ଼କୋଟି ଟଙ୍କା ବ୍ୟୟରେ ଏହି ବିଦ୍ୟାଳୟର ନୂତନ କୋଠା ନିର୍ମିତ ହୋଇଛି। ପ୍ରାୟ ୩ ବର୍ଷ ତଳେ ଏହି ସ୍କୁଲର ନବୀକରଣ କାମ ଆରମ୍ଭ ହୋଇଥିଲା। ତେବେ କରୋନା ମହାମାରୀ ଯୋଗୁଁ ଏହା ଉଦଘାଟନ ହୋଇ ପାରି ନ ଥିଲା।












ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସହ ଡକ୍ଟର ମିଶ୍ରଙ୍କ ଭାବବିନିମୟ







ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଆଲୋଚନାରତ ଡକ୍ଟର ମିଶ୍ର

ଡକ୍ଟର ମିଶ୍ର ଏ କୋଠା ଉଦଘାଟନ କରିବା ପରେ ବିଦ୍ୟାଳୟ ବୁଲି ଦେଖିବା ସାଙ୍ଗକୁ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

ଦୁଇ ମହଲା ବିଶିଷ୍ଟ ଏହି କୋଠାରେ ବହୁ ଅତ୍ୟାଧୁନିକ ସୁବିଧା ରହିଛି। ଗୋଟିଏ ଥରରେ ପ୍ରାୟ ୨୫୦ ଜଣ ପିଲା ଏକାଠି ପଢ଼ିବା ପାଇଁ ରହିଛି ୮ଟି ଶ୍ରେଣୀଗୃହ ରହିଛି। ଚକ୍‌ରେ ଲେଖିବା ଲାଗି ବ୍ଲାକ୍‌ବୋର୍ଡ ଓ ମାର୍କରରେ ବ୍ୟବହୃତ ହ୍ୱାଇଟ୍ ବୋର୍ଡ ସବୁ ଶ୍ରେଣୀ ଗୃହରେ ରହିଛି। ଶ୍ରେଣୀଗୃହରେ ମୁକ୍ତବାୟୁ ଚଳପ୍ରଚଳ ପାଇଁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା ସାଙ୍ଗକୁ ପ୍ରତି କୋଠରିରେ ଫ୍ୟାନ୍, ଲାଇଟ୍‌ର ସୁବିଧା କରାଯାଇଛି। ପିଲାଙ୍କ କମ୍ପ୍ୟୁଟର ଜ୍ଞାନ ପାଇଁ ଗୋଟିଏ କମ୍ପ୍ୟୁଟର ଲ୍ୟାବ୍ ରହିଛି। ବେସରକାରୀ ବିଦ୍ୟାଳୟ ଭଳି ପିଲାଙ୍କୁ ଛୋଟରୁ କମ୍ପ୍ୟୁଟର ଶିକ୍ଷା ଦିଆଯିବା ସହ ନୂଆ ବୈଷୟିକ ଶିକ୍ଷାରେ ପାରଙ୍ଗମ କରିବାକୁ ଯୋଜନା କରାଯାଇଛି। ସେହିଭଳି ପିଲାଙ୍କୁ ଅନ୍ୟ ପୁସ୍ତକ ବିଷୟରେ ଜ୍ଞାନ ଆହରଣ ଲାଗି ଗୋଟିଏ ପାଠାଗାର ଗୃହ ରହିଛି। ବିଦ୍ୟାଳୟରେ ଶିକ୍ଷକଙ୍କ ପାଇଁ ୨ଟି କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ତେବେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉନ୍ନତ ସୁବିଧା ଯୋଗାଇ ଦେବାକୁ ହ୍ୱିଲଚେୟାର ବ୍ୟବସ୍ଥା ହେବା ସହ ଯିବାଆସିବା ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ହୋଇଛି।

ପାନୀୟ ଜଳ ବ୍ୟବସ୍ଥା ପାଇଁ ଉପର ମହଲାରେ ଗୋଟିଏ ଓ ତଳ ମହଲାରେ ଅଲଗା ଅଲଗା ଆକ୍ୱାଗାର୍ଡ ଲାଗିଥିବା ବେଳେ ବିଦ୍ୟାଳୟ ଫାଟକ ପାଖରେ ରହିଛି ହାତ ଧୋଇବାର ବ୍ୟହସ୍ଥା। ସ୍ୱଚ୍ଛ ଭାରତକୁ ଗୁରୁତ୍ୱ ଦିଆଯିବା ସହ ପ୍ରତି ରୁମ୍‌ରେ ଡଷ୍ଟବିନ୍ ଓ ଦୁଇ ମହଲାରେ ପୁଅ ଓ ଝିଅଙ୍କ ଲାଗି ଅଲଗା ଅଲଗା ୨ଟି ଲେଖାଏଁ ପାଇଖାନା ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡକୁ ରୋକିବା ଲାଗି ସ୍କୁଲ ବାରଣ୍ଡାରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି। କେବଳ ଏତିକି ନୁହେଁ, ପିଲାଙ୍କ ଅବସର ବିନୋଦନକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ଖେଳ ସାମଗ୍ରୀ ବିଦ୍ୟାଳୟରେ ମହଜୁଦ ରହିଛି। କ୍ୟାରମ୍, ବ୍ୟାଟ୍, ବଲ୍, ବ୍ୟାଡମିଣ୍ଟନ୍ ଏବଂ ଅନ୍ୟ ଇନ୍‌ଡୋରଗେମ୍‌ର ସାମଗ୍ରୀ ରଖାଯାଇଛି। ବିଦ୍ୟାଳୟର ସ୍ୱତନ୍ତ୍ର ଉତ୍ସବ(ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଗାନ୍ଧି ଜୟନ୍ତୀ, ସରସ୍ୱତୀ ପୂଜା ଏବଂ ଗଣେଶ ପୂଜା)ରେ ଏକାଠି ହୋଇ ପାଳନ କରିବାକୁ ଗୋଟିଏ ମୁକ୍ତ ପ୍ରେକ୍ଷାଳୟ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଦୃଷ୍ଟିରୁ ପିଲାଙ୍କ ସୁରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା ହୋଇଛି। ୩ ଜଣ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦିଆଯିବା ସହ ବିଦ୍ୟାଳୟର ପରିସରରେ ଅନେକ ସିସିଟିଭି କ୍ୟାମେରା ଲଗାଯାଇଛି।

## ନିଜ ଶିକ୍ଷାନୁଷ୍ଠାନକୁ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ିତୋଳିଲେ ଆଦର୍ଶ ପୁରାତନ ଛାତ୍ର

ଗତକାଲି ଶ୍ରୀ ମିଶ୍ର ଏକ ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସି ପହଞ୍ଚିବା ପରେ ମା’ ସମଲେଶ୍ୱରୀଙ୍କ ମନ୍ଦିର ଗସ୍ତ କରି ଦର୍ଶନ କରିଥିଲେ। ତାପରେ ସେ ସମ୍ବଲପୁର ସୈନିକ ସ୍କୁଲକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଡକ୍ଟର ମିଶ୍ରଙ୍କୁ ବିଦ୍ୟାଳୟ ଅଧକ୍ଷ ୱିଙ୍ଗ୍ କମାଣ୍ଡେଣ୍ଟ ସୋଭିକ ଭଟ୍ଟାଚାର୍ଯ୍ୟ ଓ ପ୍ରଶାସନିକ ଅଧିକାରୀ ରବି ରାଠି ପ୍ରମୁଖ ସ୍ୱାଗତ କରିଥିଲେ। ତାଙ୍କ ଗସ୍ତ ସମୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଉପ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଉପସ୍ଥିତ ଥିଲେ।

## ଏ ସଂଖ୍ୟାରେ..



ଶରୀରର ହିତ ପାଇଁ କଳା ଲୁଣ


କ୍ଷୀର କ୍ଷୟ କରେ ଚର୍ବି


ଓଜନ କମାଏ ସକାଳର ପେଟପୁରା ଜଳଖିଆ


ମାଇଗ୍ରେନରୁ ଆରୋଗ୍ୟ କରେ ଅଦା


ସାଇକେଲିଂର ଉପକାରିତା

# ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଧର୍ମେନ୍ଦ୍ର ପ୍ରଧାନଙ୍କ ସଫଳତା

ନୂଆଦିଲ୍ଲୀ: ପାଖାପାଖି ୨୪ କୋଟି ଜନସଂଖ୍ୟା ବିଶିଷ୍ଟ ଉତ୍ତରପ୍ରଦେଶକୁ ଜାତୀୟ ରାଜନୀତିର ଅନ୍ତୁଡ଼ିଶାଳ କୁହାଯାଇଥାଏ । ବଡ଼ ଦଳଗୁଡ଼ିକର ପରୀକ୍ଷା ଏହିଠାରୁ ହୋଇଥାଏ । ଏଠାରେ କୃତକାର୍ଯ୍ୟ ହେଲେ ନୂଆଦିଲ୍ଲୀ ଯାତ୍ରା କଷ୍ଟକର ହୋଇ ନ ଥାଏ । ତେଣୁ ୨୦୨୨ ୟୁପି ବିଧାନସଭା ନିର୍ବାଚନରେ ବିଜେପି, କଂଗ୍ରେସ ସମେତ ଆଞ୍ଚଳିକ ଦଳ ସପା ଓ ବସପା ନିଜ ରଣନୀତିକୁ ଶାଣିତ କରି ରଣାଙ୍ଗନକୁ ଓହ୍ଲାଇଥିଲେ । ଶେଷରେ ବିଜେପିକୁ ବିପୁଳ ବିଜୟ ମିଳିଛି । ରାଜ୍ୟରେ ୩୬ ବର୍ଷ ହେଲା ଗୋଟିଏ ପ୍ରକାର ଧାରା ବଳବତ୍ତର ରହିଆସିଥିଲା ।କୌଣସି ଜଣେ ମୁଖ୍ୟମନ୍ତ୍ରୀ ଲଗାତର ଦୁଇ ଥର ଗାଦି ଅଳଙ୍କୃତ କରି ନ ଥିଲେ । କିନ୍ତୁ ଏବେ ସେହି ଧାରା ଭାଙ୍ଗିଦେଇଛି ବିଜେପି । ବିଜେପିର ଏହି ବିପୁଳ ବିଜୟ ପଛରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ୟୁପି ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଜେପି ପ୍ରଭାରୀ ଭାବେ ତାଙ୍କୁ ଯେଉଁ ଗୁରୁ ଦାୟିତ୍ୱ ମିଳିଥିଲା ତାହାକୁ ସେ ସଫଳତାର ସହ ନିର୍ବାହ କରିଛନ୍ତି । ନିଜର ପ୍ରଭାବୀ ନେତୃତ୍ୱକୁ ପ୍ରମାଣିତ କରିଛନ୍ତି । ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଗତବର୍ଷ ସେପ୍ଟେମ୍ବରରେ ବିଜେପି ଏକ ବଡ଼ ପଦକ୍ଷେପ ନେଇଥିଲା । ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ ପି ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଧର୍ମେନ୍ଦ୍ରଙ୍କୁ ୟୁପି ନିର୍ବାଚନ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଥିଲା ।

ସମସ୍ତଙ୍କ ମତକୁ ଗୁରୁତ୍ୱ କୌଣସି ସଂଗଠନ ତୃଣମୂଳ ସ୍ତରରୁ ମଜଭୁତ ରହିଲେ, ତାହା ପ୍ରକୃତରେ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ । ଏହି ସୂତ୍ରକୁ ବେଶ୍ ଭଲ ଭାବେ ବୁଝିପାରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେହି ସୂତ୍ରରେ କାର୍ଯ୍ୟ ଜାରି ରଖିଥିଲେ । ଆଶାୟୀ ପ୍ରାର୍ଥୀ, ଦଳ ପକ୍ଷରୁ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀ ଓ ବରିଷ୍ଠ ନେତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନା କରି ସଂଗଠନକୁ ମିଳିତ ଭାବେ ମଜଭୁତ କରିବା ପାଇଁ ଗୁରୁମନ୍ତ୍ର ଦେଇ ଆସୁଥିଲେ । ଯେ କୌଣସି କାର୍ଯ୍ୟକ୍ରମ ହେଉ କିମ୍ବା ଜନସଭା ସବୁଠାରେ ପହଞ୍ଚି ଯାଇ ତଦାରଖ କରୁଥିଲେ ଧର୍ମେନ୍ଦ୍ର । କୃଷକ ମୋର୍ଚ୍ଚା, ମହିଳା, ଯୁବ, ଏସସି, ଓବିସି ମୋର୍ଚ୍ଚାଗୁଡ଼ିକ ସହ ନିୟମିତ ବ୍ୟବଧାନରେ ଆଲୋଚନା କରିବା ସହ ସେମାନଙ୍କ ମତକୁ ସର୍ବାଧିକ ଗୁରୁତ୍ୱ ଦେଇ ସେ ଦିଗରେ କାର୍ଯ୍ୟ କରୁଥିଲେ ।

ସଂଘ ପରିବାର ସହ ସୁସମନ୍ୱୟ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ଯୋଗୁଁ ଧର୍ମେନ୍ଦ୍ରଙ୍କ ପାଇଁ ସବୁଠୁ ବଡ଼ କାର୍ଯ୍ୟ ଥିଲା ସମନ୍ୱୟ ରକ୍ଷା । ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରଖିବାରେ ସେ କୌଣସି ସୁଯୋଗ ହାତଛଡ଼ା କରି ନ ଥିଲେ । ଏମିତି କି ଆରଏସଏସ ସହ ଘନିଷ୍ଠତା ଥିବାରୁ ସଂଘ ପରିବାର ସହିତ ସମନ୍ୱୟ ରକ୍ଷା କରିବାରେ ଶ୍ରୀ ପ୍ରଧାନ ସଫଳ ହୋଇଥିଲେ । ଯାହା ନିର୍ବାଚନ ଫଳାଫଳରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି ।

ୟୁପି ଭଳି ଜାତିଭିତ୍ତିକ ରାଜନୈତିକ ଦୃଶ୍ୟପଟ୍ଟରେ ସବୁ ବର୍ଗକୁ ଏକାଠି କରିବା ସବୁଠୁ ବଡ଼ କାମ । ଧର୍ମେନ୍ଦ୍ର ସବୁ ବର୍ଗକୁ ଏକାଠି ଆଣିବାରେ କାର୍ଯ୍ୟ କରିଥିଲେ । ଉତ୍ତରପ୍ରଦେଶର ବ୍ରାହ୍ମଣ ସମାଜ ଭୋଟକୁ ବିଜେପି ସମର୍ଥନ କରିବା ଦିଗରେ କାମ କରିଥିଲେ ଏବଂ ବ୍ରାହ୍ମଣ ସମାଜର ବରିଷ୍ଠ ନେତାମାନଙ୍କ ସହ ଦିଲ୍ଲୀରେ ସାକ୍ଷାତ୍ ଆଲୋଚନା କରି ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥିଲେ । ନିଜେ ଓବିସି ବର୍ଗର ହୋଇଥିବା କାରଣରୁ ଉତ୍ତରପ୍ରଦେଶର ଓବିସି ନେତାଙ୍କୁ ଆପଣାଇବା ତାଙ୍କ ପକ୍ଷେ ସହଜ ହୋଇଥିଲା । ତେବେ ଅନ୍ୟ ବର୍ଗର ନେତାଙ୍କ ମନ ଜିଣିବାରେ ମଧ ସଫଳ ହୋଇଥିଲେ ।

ଗୋଟିଏ ସମୟରେ ୧୯୯୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସମାଜବାଦୀ ପାର୍ଟି ଏବଂ ବହୁଜନ ସମାଜ ପାର୍ଟି ଜାତି ଓ ଧର୍ମ ନାଁରେ ୟୁପିରେ ନିର୍ବାଚନ ଲଢୁଥିଲେ ଏବଂ ବିଜୟ ଲାଭ କରୁଥିଲେ । ତା' ପୂର୍ବରୁ କଂଗ୍ରେସ ୪ ଦଶନ୍ଧି ଧରି ଶାସନ ବ୍ୟବସ୍ଥାରେ ଥିଲା । ୨୦୧୪ରେ ବିଜେପି ଉତ୍ତରପ୍ରଦେଶ ଏବଂ ଦେଶର ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିଥିଲା । ୨୦୧୭ରେ ପ୍ରଥମ ଥର ପାଇଁ ବିଜେପି ୩୧୨ ସିଟ୍ ହାସଲ କରି ସରକାର ଗଠନ କରିଥିଲା । ଉତ୍ତରପ୍ରଦେଶର ୨୦୧୪ ଲୋକସଭା ନିର୍ବାଚନ ଏବଂ ପରବର୍ତ୍ତୀ ବିଧାନସଭା ନିର୍ବାଚନ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିର୍ବାଚନ ଦାୟିତ୍ୱ ସମ୍ଭାଳିଥିଲେ । ବିଜେପି ଉତ୍ତରପ୍ରଦେଶରେ ବିକାଶ, ଆଇନଶୃଙ୍ଖଳା ଏବଂ ମୋଦି ସରକାରଙ୍କ ଜନ କଲ୍ୟାଣକାରୀ ନୀତିକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା ।

୨୦୨୨ ୟୁପି ବିଧାନସଭା ନିର୍ବାଚନ ଜିତିବା ବିଜେପି ପାଇଁ ଯେତେ ଗୁରୁତ୍ୱପୂର୍ଣ୍ଣ ଥିଲା, ସେତେ ଆହ୍ୱାନପୂର୍ଣ୍ଣ ମଧ ରହିଥିଲା । ଗତ ତିନି ଦଶନ୍ଧି ମଧ୍ୟରେ ଉତ୍ତର ପ୍ରଦେଶରେ ଗୋଟିଏ ଦଳ ଲଗାତର ଦୁଇଥର ସରକାର ଗଢ଼ିନାହାନ୍ତି । ଠିକ୍ ସେହି ସ୍ଥାନରେ ପୂର୍ବ ଇତିହାସକୁ ବଦଳାଇ ଏକ ନୂଆ ଇତିହାସ ରଚିବାର ଜିଦ୍ ତଥା ପୁନର୍ବାର ଡବଲ ଇଞ୍ଜିନ ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହ ଓ ଜେ.ପି ନଡ୍ଡା ଏକ ସ୍ୱତନ୍ତ୍ର ଟିମ୍ ଗଠନ କଲେ ।

ମହିଳାଙ୍କୁ ସଶକ୍ତ କରୁଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ୨୦୧୬ ମେ ୧ରେ ଉତ୍ତର ପ୍ରଦେଶର ବଲିଆରୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିଲେ । ସାଥିରେ ଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଯୋଜନା ୟୁପିରେ ବିଜେପିକୁ ୨୦୧୭ ବିଧାନସଭା ନିର୍ବାଚନ, ୨୦୧୯ ଲୋକସଭା ନିର୍ବାଚନ ଓ ୨୦୨୨ ବିଧାନସଭା ନିର୍ବାଚନରେ ମହିଳାଙ୍କ ସମର୍ଥନ ଜିତିବାରେ ସହାୟକ ହୋଇଛି ।

ପେଟ୍ରୋଲିୟମ ମନ୍ତ୍ରଣାଳୟର ଦାୟିତ୍ୱରେ ଥିବା ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉତ୍ତର ପ୍ରଦେଶର ମୁଖ୍ୟ ପର୍ଯ୍ୟଟନସ୍ଥଳୀ ବାରାଣସୀର ଖିଡ଼କିୟା ଘାଟର କେତେକାଂଶରେ ନବୀକରଣ କାର୍ଯ୍ୟ କରିବା ସହ ପରିବେଶ ସୁରକ୍ଷା ପାଇଁ ସେଠାରେ ସିଏନଜି ଚାଳିତ ବୋଟ୍ ଆରମ୍ଭ ଯୋଜନା ପ୍ରସ୍ତୁତ କରିଥିଲେ । ଏହାବ୍ୟତୀତ ବାରାଣସୀରେ ଗ୍ୟାସ ପାଇପ ଲାଇନରେ କିଭଳି ଶସ୍ତାରେ ସ୍ୱଚ୍ଛ ଇନ୍ଧନ ପହଞ୍ଚିବ, ସେଥିପାଇଁ ମଧ କାର୍ଯ୍ୟ କରିଥିଲେ । ଏବେ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାର କରିବା ଅବସରରେ ଖିଡକିୟା ଘାଟ ବୁଲି ଦେଖିଥିଲେ ଓ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ ।

ନିଜ କାର୍ଯ୍ୟ ଦକ୍ଷତା, ରଣକୌଶଳ କାରଣରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶରେ ଅଧିକାଂଶ ରାଜ୍ୟରେ ଦଳୀୟ ପ୍ରଭାରୀ, କିଛି ରାଜ୍ୟରେ ନିର୍ବାଚନ ପ୍ରଭାରୀ ସହିତ ବିଜେପି ଶାସିତ ସରକାରର ସଂକଟ ସମୟରେ ଗୁରୁ ଦାୟିତ୍ୱ ତୁଲାଇଥାନ୍ତି । ୨୦୨୧ରେ ପଶ୍ଚିମବଙ୍ଗର ନିର୍ବାଚନ କାର୍ଯ୍ୟ ସମ୍ଭାଳିବା ସହ ନନ୍ଦିଗ୍ରାମ ନିର୍ବାଚନ ମଣ୍ଡଳୀର ବିଶେଷ ଦାୟିତ୍ୱ ମିଳିଥିଲା । ଧର୍ମେନ୍ଦ୍ର ପ୍ରଧାନ ନିଜେ ଏହି ନିର୍ବାଚନ ମଣ୍ଡଳୀର ପ୍ରଚାର ତଥା ରଣନୀତିର ଦାୟିତ୍ୱ ବୁଝୁଥିଲେ । ଯାହାର ଫଳସ୍ୱରୂପ ଶୁଭେନ୍ଦୁ ଅଧିକାରୀ ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀଙ୍କୁ ୧ ଲକ୍ଷ ୯ ହଜାର ୭୬୩ ଭୋଟ ପାଇ ୧୭୩୬ ସଂଖ୍ୟକ ଭୋଟରେ ପରାସ୍ତ କରିଥିଲେ ।

ବିଜେପିର ରାଷ୍ଟ୍ରୀୟ ଯୁବ ମୋର୍ଚ୍ଚାର ସଭାପତି ଥିବା ସମୟରେ ଦେଶର ଯୁବକମାନଙ୍କୁ ସଂଗଠନ କରିବା କିମ୍ବା ରାଷ୍ଟ୍ରୀୟ ସମ୍ପାଦକ ଏବଂ ଦୁଇ ଦୁଇ ଥର ସାଧାରଣ ସମ୍ପାଦକ ଭାବେ ପାର୍ଟିର କାର୍ଯ୍ୟକୁ ସମ୍ପ୍ରସାରଣ ସହିତ ସଂଗଠନକୁ ମଜଭୁତ କରାଇଥିଲେ । ତତ୍‌ସହିତ କେନ୍ଦ୍ରମନ୍ତ୍ରୀ ତାଙ୍କର ଦାୟିତ୍ୱକୁ ସୁଚାରୁରୂପେ ପାଳନ କରି ଆସିଛନ୍ତି । ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖରେ ଅନୁଭବ ଏବଂ ଅଭିଜ୍ଞତା ଥିବା ଭାବି ଶୀର୍ଷ ନେତୃତ୍ୱ ତାଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପୂର୍ବରୁ ତ୍ରିପୁରା, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକ, ଉତ୍ତରାଖଣ୍ଡ ଭଳି ବିଭିନ୍ନ ରାଜ୍ୟରେ ପ୍ରଭାରୀ ଓ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ ଦ୍ୱାରା ନିଜ ପ୍ରଭାବୀ ନେତୃତ୍ୱର ପ୍ରମାଣ ଦେଇଛନ୍ତ ।

ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ ସଂଗଠନାତ୍ମକ କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି । ତୃଣମୂଳ ସ୍ତରରୁ ଦଳକୁ ଶକ୍ତିଶାଳୀ ବନାଇ ରଖିବାରେ ତାଙ୍କର ସ୍ୱତନ୍ତ୍ର ରଣନୀତି କାର୍ଯ୍ୟ କରିଥାଏ । ଏହି କ୍ରମରେ ଉତ୍ତରପ୍ରଦେଶ ନିର୍ବାଚନର ପ୍ରଭାରୀ ଦାୟିତ୍ୱ ନେବା ପରେ ଗଣମାଧ୍ୟମ ସାମ୍ନାକୁ ନ ଆସି ତୃଣମୂଳ ସ୍ତରରେ ଦଳର କାର୍ଯ୍ୟକୁ ସୁଦୃଢ଼ ଦିଗରେ ନିରନ୍ତର ପରିଶ୍ରମ ଜାରି ରଖିଥିଲେ । ବୁଥ୍ କମିଟି, ଜିଲ୍ଲା କମିଟି, ରାଜ୍ୟ କମିଟିର ସଦସ୍ୟମାନଙ୍କ କାର୍ଯ୍ୟଗୁଡ଼ିକୁ ନିୟମିତ ତଦାରଖ କରୁଥିଲେ । ସଂଗଠନକୁ କିଭଳି ଅଧିକ ଶକ୍ତିଶାଳୀ କରାଯାଇ ପାରିବ, ସେଥିପାଇଁ କାର୍ଯ୍ୟକର୍ତ୍ତାଙ୍କ ମାର୍ଗଦର୍ଶନ ଦେଇ ଆସୁଥିଲେ ।

ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଉତ୍ତର ପ୍ରଦେଶର ରାଜନୈତିକ ଇସ୍ତାହାରକୁ ଲୋକଙ୍କ ସମ୍ମୁଖକୁ ଆଣିବା ପାଇଁ ଏକ ଗୁରୁଦାୟିତ୍ୱ ତୁଲାଇଥିଲେ । ଏଥିସହ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବା ହେଉ କି ପ୍ରତିଦିନ କେଉଁ ବିଷୟବସ୍ତୁକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବାକୁ ହେବ, ସଭାରେ କ'ଣ ରହିବ ଏ ସମସ୍ତ ଦାୟିତ୍ୱ ବହନ କରୁଥିଲେ ଧର୍ମେନ୍ଦ୍ର ପ୍ରଧାନ । ସର୍ବୋପରି କାର୍ଯ୍ୟକର୍ତ୍ତାଙ୍କ ମନୋବଳ ବଢ଼ାଇବା ପାଇଁ ପ୍ରତିଦିନ ସମସ୍ତ ନିର୍ବାଚନ ମଣ୍ଡଳୀର ସ୍ଥିତି ଓ ଅବସ୍ଥିତି ନେଇ ସମୀକ୍ଷା କରୁଥିଲେ ।

ଉତ୍ତରପ୍ରଦେଶ ରାଜନୀତି ସାଧାରଣତଃ ଜାତି ଭିତ୍ତିକ ରାଜନୀତି ଉପରେ ଆଧାରିତ । ଯେଉଁଠି ବିରୋଧୀ ଦଳ ଜାତିଭିତ୍ତିକ ରାଜନୀତିକୁ ଗୁରୁତ୍ୱ ଦେଉଥିଲେ ସେତେବେଳେ ନରେନ୍ଦ୍ର ମୋଦି, ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ, ଯୋଗୀ ଆଦିତ୍ୟନାଥ ବିକାଶର ରାଜନୀତିକୁ ଆଧାର କରି ଲୋକଙ୍କ ପାଖରେ ପହଞ୍ଚୁଥିଲେ ଯାହାକି କେବେ ଭାରତ ନିର୍ବାଚନ ଇତିହାସରେ ଦେଖାଦେଇ ନଥିଲା । ସଫଳତା ପାଇଁ ୟୁପି ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯଦି ଏହି ସଫଳତାର ଶ୍ରେୟ କାହାକୁ ଅଧିକ ଦିଆଯାଏ ତେବେ ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ଦଳର ରାଷ୍ଟ୍ରୀୟ ଅଧକ୍ଷଙ୍କ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀଙ୍କର ଯେଉଁ ଆଶା ଏବଂ ବିଶ୍ୱାସ ଥିଲା ଧର୍ମେନ୍ଦ୍ରଙ୍କ ଉପରେ ତାହାକୁ ସେ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଜାତିଗତ ସମୀକରଣ ହେଉ କିମ୍ବା ପ୍ରତ୍ୟେକ ବୁଥ୍‌ରେ ମହିଳାଙ୍କୁ ଦଳ ପ୍ରତି ଆକୃଷ୍ଟ କରିବା ହେଉ, ଧର୍ମେନ୍ଦ୍ରଙ୍କ ରଣନୀତି ସବୁ କ୍ଷେତ୍ରରେ ସଫଳ ହୋଇଛି ।

ଉତ୍ତରପ୍ରଦେଶର ଏହି ନିର୍ବାଚନ ଧର୍ମେନ୍ଦ୍ରଙ୍କ ପାଇଁ ରାଜନୀତିର ବଡ ପରୀକ୍ଷା ଥିଲା ।

ରାଜନୀତିର ସେହି ବଡ ପରୀକ୍ଷାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଜାତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ନିଜର ପ୍ରଭାବକୁ ବହୁଗୁଣିତ କରିଛନ୍ତି । ଦଶନ୍ଧି ଧରି ବିଜେପିର ଦଳୀୟ ରାଜନୀତିରେ ପ୍ରଭାବ ରଖୁଥିବା ଏହି ଓଡ଼ିଆ ନେତା ଉତ୍ତର ପ୍ରଦେଶ ଫଳାଫଳ ପରେ କେନ୍ଦ୍ରୀୟ ନେତୃତ୍ୱ ପାଖରେ ଅଧିକ ଗୁରୁତ୍ୱ ପାଇବେ ବୋଲି ସ୍ପଷ୍ଟ ହୋଇଛି । ଉତ୍ତର ପ୍ରଦେଶର ଏହି ଫଳାଫଳ ଓଡ଼ିଶା ରାଜନୀତିକୁ ମଧ ପ୍ରଭାବିତ କରିବ । ଓଡ଼ିଶାରେ ବିଜେପି ୨୦୧୯ରେ ମୁଖ୍ୟ ବିରୋଧୀ ଦଳର ଆସନ ପାଇଥିଲେ ମଧ ବିଗତ ୩ ବର୍ଷ ମଧ୍ୟରେ ଦଳର ସାଂଗଠନିକ ଶକ୍ତି ବୃଦ୍ଧିରେ ଆଦୃଶିଆ ଉନ୍ନତି କରିପାରି ନାହିଁ । ପରନ୍ତୁ ପଞ୍ଚାୟତ ନିର୍ବାଚନରେ ବିଜେପି ଧରାଶାୟୀ ହେବା ଦଳ ପାଇଁ ଏକ ଆତ୍ମଘାତୀର ରାସ୍ତା ତିଆରି ହୋଇଛି । ପୌର ନିର୍ବାଚନରେ ଚୟନରୁ ଆରମ୍ଭ କରି ରଣନୀତି ନିର୍ଦ୍ଧାରଣ ପର୍ଯ୍ୟନ୍ତ ଦଳ ପଛୁଆ ଅଛି ।

ବିଜେପି ଓଡ଼ିଶାରେ ଏବେ ଯେଉଁ ସ୍ଥିତିରେ ଅଛି ଧର୍ମେନ୍ଦ୍ରଙ୍କ ସଫଳତା ଦଳ ପାଇଁ ସଞ୍ଜିବନୀ ସଦୃଶ ହେବ । ଯଦି ଧର୍ମେନ୍ଦ୍ର ପୁଣି ରାଜ୍ୟ ରାଜନୀତିକୁ ଫୋକସ କରନ୍ତି ତେବେ ପଞ୍ଚାୟତ ନିର୍ବାଚନରେ ହୋଇଥିବା ବିପର୍ଯ୍ୟୟରୁ ଦଳ ଉପରକୁ ଉଠିପାରିବ ବୋଲି ରାଜନୈତିକ ସମୀକ୍ଷକମାନଙ୍କ ମତ । ସେହିପରି ୪ଟି ରାଜ୍ୟର ନିର୍ବାଚନ ସଫଳତା ବିଜେପିକୁ ୨୦୨୪ ପାଇଁ ଏକ ବଡଶକ୍ତି ଯୋଗାଇ ଥିବାରୁ ଓଡ଼ିଶା ସେହି ସ୍ରୋତରେ ସାମିଲ ହେବାକୁ ଚାହିଁବ ।

# ଭାଗବତ // ଭଗବାନଙ୍କ ନିତ୍ୟଚର୍ଯ୍ୟା

ସତୁରି ଅଧ୍ୟାୟରେ ଭଗବାନଙ୍କ ନିତ୍ୟ-ଚର୍ଯ୍ୟା ବର୍ଣ୍ଣନା କରା ହୋଇଛି । ସେ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରୁଥିଲେ । ସ୍ନାନାଦି ସାରି ତ୍ରିକାଳ ସନ୍ଧ୍ୟା, ଗାୟତ୍ରୀ ଜପ, ଦାନ ଆଦି କରୁଥିଲେ । ତାପରେ ସେ ସାଂସାରିକ ତଥା ସାମାଜିକ ବ୍ୟବହାର-ଆଚରଣ କରୁଥିଲେ ।

ଦ୍ୱାରିକାରେ ଆଜି ବି ଠାକୁର ଦୁଇଥର ସନ୍ଧ୍ୟା କରୁଛନ୍ତି । ସେ ସାନ୍ଧ୍ୟୋପାସନା, ମାତା-ପିତାଙ୍କ ପୂଜା, ଗରିବ ଓ ବ୍ରାହ୍ମଣମାନଙ୍କୁ ଦାନ ଆଦି କରୁଥିଲେ । ଏଥିସହ ଗୋ ସେବା ବି କରୁଥିଲେ । ଗୃହସ୍ଥ ପ୍ରତିଦିନ ସନ୍ଧ୍ୟାପୂଜା, ଗାଈ ଓ ଗରିବଙ୍କ ସେବା ଆଦି କରୁଥିବା ଉଚିତ ।

ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାରୁ ଉଠି ଭଗବାନ ସର୍ବପ୍ରଥମେ ତାଙ୍କର ନିତ୍ୟ-ସ୍ୱରୂପକୁ ଧ୍ୟାନ କରୁଥିଲେ ଏବଂ ପ୍ରକୃତ ଆନନ୍ଦ ଅନୁଭବ କରୁଥିଲେ । ଏହାପରେ ସେ ନିର୍ମଳ ଓ ପବିତ୍ର ଜଳରେ ସ୍ନାନ କରୁଥିଲେ । ଏହାପରେ ଧୌତ-ଶୁଦ୍ଧ ଧୋତି ଓ ଉତ୍ତରୀୟ ପରିଧାନ କରି ଯଥାବିଧ ନିତ୍ୟକର୍ମ ସନ୍ଧ୍ୟା-ବନ୍ଦନା କରୁଥିଲେ । ଏହାପରେ ହବନ କରି ମୌନ ରହି ଗାୟତ୍ରୀ ଜପ କରୁଥିଲେ । ଏହାପରେ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟୋପସ୍ଥାନ କରି ନିଜର କଳା ସ୍ୱରୂପ ଦେବତା, ଋଷି ତଥା ପିତରଙ୍କ ତର୍ପଣ କରୁଥିଲେ । ଏହାପରେ କୁଳର ବୃଦ୍ଧ ଓ ବ୍ରାହ୍ମଣଙ୍କୁ ପୂଜା କରୁଥିଲେ । ଏହାପରେ ସେ ବସାୟୁକ୍ତ ଦୁଧିଆଳୀ ଗୋ ଦାନ କରୁଥିଲେ । ଏହାପରେ ସେ ନିଜେ ପୀତାମ୍ବର ବସ୍ତ୍ର, କୌସ୍ତୁଭାଦି ଆଭୂଷଣ, ପୁଷ୍ପହାର ତଥା ଚନ୍ଦନାଦି ଅଙ୍ଗରାଗରେ ନିଜକୁ ଆଭୂଷିତ କରୁଥିଲେ । ସେ ପ୍ରଥମେ ଘିଅରେ ଓ ପରେ ଦର୍ପଣରେ ନିଜର ମୁଖାରବିନ୍ଦ ଦର୍ଶନ କରୁଥିଲେ । ଭଗବାନ ପୁରବାସୀ ରାଣୀମାନଙ୍କର, ପାତ୍ରମନ୍ତ୍ରୀମାନଙ୍କ କଥା ବୁଝୁଥିଲେ । ଇତ୍ୟବସରରେ ଦାରୁକ ନାମକ ସାରଥୀ ସୁଗ୍ରୀବାଦି ଅଶ୍ୱଯୁତ ରଥ ଆଣି ରଖି ଦେଉଥିଲେ । ଏହାପରେ ସେ ସାତ୍ୟକି ଓ ଉଦ୍ଧବଙ୍କ ହାତଧରି ରଥ ଉପରେ ବସିଯାଉଥିଲେ ।

ଭଗବାନ ରଥରେ ଚଢ଼ି ସୁଧର୍ମା ନାମକ ସଭାରେ ପହଞ୍ଚି ଯାଉଥିଲେ । ଭଗବାନ ତାଙ୍କର ସୁସଜ୍ଜିତ ସିଂହାସନରେ ବସିଯିବା ପରେ ପ୍ରଥମେ ବିଦୂଷକ ଓ ପରେ ନର୍ତ୍ତକୀ, ବାଦକ ଆଦିଙ୍କ ସେବା ଗ୍ରହଣ କରୁଥିଲେ । ଏହାପରେ ବ୍ୟାଖ୍ୟାକୁଶଳ ବ୍ରାହ୍ମଣଙ୍କଠାରୁ ବେଦମନ୍ତ୍ରର ବ୍ୟାଖ୍ୟା ଶ୍ରବଣ କରୁଥିଲେ ।

ଭଗବାନଙ୍କର ନିତ୍ୟଚର୍ଯ୍ୟା ଏହିଭଳି ଥିଲା । ଦିନେ ଏହିଭଳି ସୁଧର୍ମା ସଭାରେ ବସିଥିବା ବେଳେ ଜଣେ ନୂଆ ମଣିଷ ସେଠାରେ ପହଞ୍ଚି ଜରାସନ୍ଧ ଦ୍ୱାରା ବନ୍ଦୀ ରାଜାମାନଙ୍କୁ ମୁକ୍ତ କରିଦେବା ପାଇଁ ପ୍ରସ୍ତାବ ଉପସ୍ଥାପନ କଲେ । ଠିକ୍ ଏହି ସମୟରେ ନାରଦ ଇନ୍ଦ୍ରପ୍ରସ୍ଥରେ ଆୟୋଜିତ ରାଜସୂୟ ଯଜ୍ଞରେ ଯୋଗଦେବା ପାଇଁ ଆମନ୍ତ୍ରଣ ପ୍ରଦାନ କରିଥିଲେ । ଭଗବାନ ଏହି ସମୟରେ ଦ୍ୱିଧାରେ ପଡ଼ିଗଲେ । ପ୍ରଥମେ କେଉଁ କାମ କରିବା ଉଚିତ ତାହା ଭାବିବାରେ ଲାଗିଲେ । ସେ ପ୍ରଥମେ ଯଜ୍ଞ କାର୍ଯ୍ୟରେ ଯୋଗ ଦେବା ପ୍ରସ୍ତାବ ଗ୍ରହଣ କରିବା ଠିକ୍ ହେବ ବୋଲି ନାରଦ ଯୁକ୍ତି ବାଢ଼ିଲେ ।

ନାରଦଙ୍କ ପ୍ରସ୍ତାବକୁ ସୁଧର୍ମା ସଭାରେ ଉପସ୍ଥିତ ଯଦୁବଂଶୀ ରାଜାମାନେ ପସନ୍ଦ କଲେ ନାହିଁ । ସେମାନଙ୍କର ଇଚ୍ଛା ଥିଲା ଭଗବାନ ପ୍ରଥମେ ଜରାସନ୍ଧ ଉପରେ ଆକ୍ରମଣ କରନ୍ତୁ । ତାକୁ ବଧ କରନ୍ତୁ । ଭଗବାନ୍ ଅନ୍ତର୍ଯ୍ୟାମୀ । ଭଗବାନ୍ ସବୁବେଳେ ସ୍ୱତନ୍ତ୍ର । ତେବେ ରାଜସଭାରେ କୌଣସି ନିଷ୍ପତ୍ତି ନେବାକୁ ହେଲେ କିପରି ଉଭୟ ପକ୍ଷର ଯୁକ୍ତିକୁ ସମ୍ମାନ କରାଯିବା ଉଚିତ କଥା, ତାହା ସେ ଏଠାରେ ଦର୍ଶାଇଛନ୍ତି । ସେ ଉଦ୍ଧବଙ୍କୁ ଏ ସଂକ୍ରାନ୍ତରେ ଯଥାର୍ଥ ପରାମର୍ଶ ଦେବା ପାଇଁ କହିଛନ୍ତି । ଉଦ୍ଧବ ପ୍ରଥମେ ଯୁଧିଷ୍ଠିରଙ୍କ ନିମନ୍ତ୍ରଣ ରକ୍ଷା କରିବା ଉଚିତ ହେବ ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି ଏବଂ ଶ୍ରୀକୃଷ୍ଣ ପ୍ରଥମେ ଇନ୍ଦ୍ରପ୍ରସ୍ଥ ଯିବାପାଇଁ ବାହାରି ପଡ଼ିଲେ ।

ଇନ୍ଦ୍ରପ୍ରସ୍ଥରେ ରାଜସୂୟ ଯଜ୍ଞ ସମୟରେ ଭୀମ ଦୁର୍ଯ୍ୟୋଧନକୁ ଅପମାନ ଦେଲେ । ଅନ୍ଧର ପୁତ୍ର ଅନ୍ଧ ବୋଲି କହିଲେ । ଭୀମ ଅତି କର୍କଶ ବାଣୀ କହିଥିଲେ । କର୍କଶବାଣୀରୁ ପ୍ରଥମେ କଳହର ସୂତ୍ରପାତ ହୋଇଥାଏ । ବାଣୀ-ସଂଯମ ସଦାଚାରୀ ମନୁଷ୍ୟ ସର୍ବଦା ପାଳନ କରୁଥିବା ଉଚିତ । ଏହି କର୍କଶ ବାଣୀରୁ ଯେଉଁ କଳହର ସୂତ୍ରପାତ ହୋଇଥିଲା ତାହାର ଅନ୍ତିମ ପରିଣତି ହୋଇଥିଲା ମହାଭାରତ ଯୁଦ୍ଧ ।

ପାଣ୍ଡବମାନେ ବନବାସ ସମୟ ଗୁଜୁରାଟରେ ଅତିବାହିତ କରିଥିଲେ । ସଂଖେଡ଼ା ନିକଟସ୍ଥ ପଞ୍ଚେଶ୍ୱର ମହାଦେବଙ୍କ ପାଖରେ ରହିଥିଲେ । ବର୍ତ୍ତମାନର ଧୋଲ ସହର ହେଉଛି ପ୍ରାଚୀନ ବିରାଟ ନଗରୀ ।

ରାଜସୂୟ ଯଜ୍ଞକୁ ପୃଥିବୀର ସମସ୍ତ ରାଜା ସମର୍ଥନ କରିଥିଲେ । ମାତ୍ର ଜରାସନ୍ଧ ଏହାର ବିରୋଧୀ ଥିଲା । ସେ ଜଣେ ମହାନ୍ ଶିବଭକ୍ତ ଥିବାରୁ ତାକୁ ପରାଜୟ କରିବା ସହଜ ନ ଥିଲା । ତେଣୁ ଭଗବାନ୍‌ଙ୍କୁ ଚତୁରତା ଅବଲମ୍ବନ କରିବାକୁ ପଡ଼ିଥିଲା । ସେ ନିଜେ ଅର୍ଜୁନ ଓ ଭୀମଙ୍କୁ ଧରି ବ୍ରାହ୍ମଣ ବେଶରେ ମଗଧ, ଜରାସନ୍ଧର ରାଜଧାନୀରେ ପହଞ୍ଚି ଥିଲେ । କୌଣସି ସୈନ୍ୟସାମନ୍ତ ଧରି ଯୁଦ୍ଧଯାତ୍ରା କରି ନଥିଲେ ।

ଜରାସନ୍ଧ ଥିଲା ବ୍ରାହ୍ମଣ ଭକ୍ତ ।



ସେ ବ୍ରାହ୍ମଣଙ୍କୁ ଭୋଜନ ନ ଦେବା ପର୍ଯ୍ୟନ୍ତ ଅନ୍ନଜଳ ସ୍ପର୍ଶ କରୁ ନଥିଲା । ବ୍ରାହ୍ମଣ ବେଶ ଧାରଣ କରି ଆସିଥିବା କୃଷ୍ଣ, ଭୀମ ଓ ଅର୍ଜୁନଙ୍କୁ ସେ ଚିହ୍ନି ପାରିଲା ନାହିଁ । ଏମାନଙ୍କୁ ପ୍ରକୃତ ବ୍ରାହ୍ମଣ ମନେକରି ଦାନ ଦେବାପାଇଁ ସଂକଳ୍ପ କଲା । ଶ୍ରୀକୃଷ୍ଣ ଜରାସନ୍ଧକୁ ଦ୍ୱନ୍ଦ ଯୁଦ୍ଧ ପାଇଁ ଡାକିଲେ । ଗୃହଯୁଦ୍ଧ ଜଣଙ୍କ ସହିତ ଜଣେ କରେ । ବଳାଭିମାନୀ ଜରାସନ୍ଧ କୃଷ୍ଣ ଓ ଅର୍ଜୁନଙ୍କୁ ହେୟ ମନେକରି ଭୀମଙ୍କ ସହିତ ଦ୍ୱନ୍ଦ୍ୱ ଯୁଦ୍ଧ କରିବା ପାଇଁ ରାଜି ହେଲା ।

ଭୀମ ଓ ଜରାସନ୍ଧର ଦ୍ୱନ୍ଦଯୁଦ୍ଧ ସତେଇଶ ଦିନ ପର୍ଯ୍ୟନ୍ତ ଲାଗିଲା । ତେବେ ବି ଜରାସନ୍ଧର ମୃତ୍ୟୁ ହେଲା ନାହିଁ । ଭୀମ ବିରକ୍ତ ହୋଇଗଲେ । ସେ ଶ୍ରୀକୃଷ୍ଣଙ୍କୁ ଅଭିମାନ ମିଶ୍ରିତ କଣ୍ଠରେ କହିଲେ, ‘‘ତୁମେ ଦୁହେଁ ଏଠାରେ ଖାଇ ପିଇ ମଉଜ କରିବାରେ ଲାଗିଛ ଆଉ ମୁଁ କୁସ୍ତି କରି କରି ମୋର ହାଡ଼ ଗୋଡ଼ ଭାଙ୍ଗି ଗଲାଣି । ଏ ସବୁ କ'ଣ ଚାଲିଛି ।’’

ଶ୍ରୀକୃଷ୍ଣ କହିଲେ, ‘‘ତୁମେ ପ୍ରବଳ ପ୍ରହାର ଖାଉଛ । ଏହାର କାରଣ ହେଉଛି ତୁମେ କୁସ୍ତି କରିବା ସମୟରେ ମୋ ଆଡ଼କୁ ଆଦୌ ଚାହୁଁ ନାହଁ । ମୋ କଥା ଆଦୌ ସ୍ମରଣ କରୁନାହଁ ।’’

ବେଦର ବାକ୍ୟ ହେଉଛି, ‘‘ମାମନୁସ୍ମର ଯୁଦ୍ଧ ଚ । ଘୋର ଯୁଦ୍ଧ ସମୟରେ ଭଗବାନଙ୍କୁ ବି ସ୍ମରଣ କରିବା ଆବଶ୍ୟକ । ଭଗବାନ୍ ଏକମାତ୍ର ଶକ୍ତି ଯିଏ ଜୀବଙ୍କୁ ଜୟ ବି ଅଥବା ପରାଜୟ ଦେଇଥାଆନ୍ତି । କେବଳ ଯୁଦ୍ଧ କରୁଥିଲେ ଅଥବା ନିଜର କର୍ତ୍ତବ୍ୟ କର୍ମ କରୁଥିଲେ ସଫଳତା ମିଳେ ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ଭଗବାନଙ୍କୁ ସ୍ମରଣ କରୁଥିଲେ କର୍ତ୍ତବ୍ୟ କର୍ମରେ ସୁଫଳ ମିଳିଥାଏ । ସେତେବେଳେ ଜୀବକୁ ଭଗବାନ ସୁ ବୁଦ୍ଧିର ପ୍ରେରଣା ଦେଇଥାଆନ୍ତି । ଭୀମସେନ ଅକ୍ଳେଶରେ ଜରାସନ୍ଧକୁ ପରାଜିତ ତଥା ବଧ କରିପାରି ଥାଆନ୍ତେ । ମାତ୍ର କେବଳ ନିଜର ବଳ ଅଭିମାନରେ ଯୁଦ୍ଧ କରୁଥିବାରୁ ସେ ବିଜୟ ଲାଭ କରିବା ବଦଳରେ ପ୍ରଚୁର ପ୍ରହାରର ଶିକାର ହୋଇଥିଲେ ।

ଶ୍ରୀକୃଷ୍ଣ କହିଲେ, ‘‘ଭାଇ ! କୁସ୍ତି କରୁଥିବା ସମୟରେ ଆମକୁ ଟିକିଏ ମନେପକାଅ । ଆମ ଆଡ଼କୁ ଟିକିଏ ଦୃଷ୍ଟି ପକାଅ । ଆମେ ଉପସ୍ଥିତ ଅଛୁ । ଆମେ ସେତେବେଳେ ତୁମକୁ ଉପାୟ ବତାଇ ଦେବ । ଜରାସନ୍ଧକୁ ତୁମେ ଅକ୍ଳେଶରେ ବଧ କରିଦେବ ।’’

ଜୀବର ସମସ୍ତ ପରିଶ୍ରମ, ଚାତୁରୀ ଯେ ପର୍ଯ୍ୟନ୍ତ ଭଗବାନଙ୍କ ସହାୟତା ନ ଲୋଡ଼ିଥାଏ, ନିଷ୍ଫଳ ହୋଇଥାଏ । ଅର୍ଜୁନ ହେଉଛନ୍ତି ଜୀବାତ୍ମା ଭୀମ ହେଉଛି ପ୍ରାଣ । ଆଉ ଶ୍ରୀକୃଷ୍ଣ ପରମାତ୍ମା । ବୃଦ୍ଧାବସ୍ଥାରେ ପ୍ରାଣ ବ୍ୟାକୁଳ ହୋଇ ଉଠେ । ଜରାବସ୍ଥାରେ ପ୍ରାଣ ଯଦି ଶ୍ରୀକୃଷ୍ଣଙ୍କୁ ଦୃଷ୍ଟିକରେ ତେବେ ସେ ଭୀମଙ୍କ ଭଳି ଜରାକୁ ମାରିପାରେ ।

ପ୍ରାଣ ଯଦି ପରମାତ୍ମାଙ୍କ ସମ୍ମୁଖିସ୍ଥ ହୋଇଯାଏ, ପ୍ରତ୍ୟେକ କ୍ଷଣ ତାଙ୍କୁ ସ୍ମରଣ କରୁଥାଏ, ତେବେ ସେ ଜରାସନ୍ଧକୁ ମାରିପାରେ । ଜନ୍ମମୃତ୍ୟୁର ପୀଡ଼ା ହେଉଛି ଜରାସନ୍ଧ ।

ଶ୍ରୀକୃଷ୍ଣଙ୍କ ଠାରରେ ଭୀମ ଜରାସନ୍ଧକୁ ବଧ କଲେ । ଜରାସନ୍ଧ ବନ୍ଦୀ କରିଥିବା କୋଡ଼ିଏ ହଜାର ଆଠଶହ ରାଜାଙ୍କୁ ଭଗବାନ ମୁକ୍ତ କଲେ । ସେମାନେ ସମସ୍ତେ ଯୁଧିରଙ୍କ ରାଜସୂୟ ଯଜ୍ଞରେ ଯୋଗ ଦେବାକୁ ଆସିଥିଲେ । କୋଡ଼ିଏ ହଜାର ଆଠ ଶହ ରାଜା ଏକସ୍ୱରରେ ପ୍ରାଣବଲ୍ଲଭ ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ତୁତି କଲେ । ଶ୍ରୀକୃଷ୍ଣ ସେମାନଙ୍କୁ ମଧୁର ବାଣୀରେ କହିଲେ ‘‘ହେ ରାଜାଗଣ ! ଆଜିଠାରୁ ତୁମମାନଙ୍କର ମୋ' ଠାରେ ଦୃଢ଼ ନିଷ୍ପତ୍ତି ବର୍ତନ ହେବାରେ ଲାଗିବ । ଏହାହିଁ ତ ତୁମେମାନେ ବ୍ୟକ୍ତ କରିଛ । ତୁମେମାନେ ମନେରଖିବା ଉଚିତ ଯେ ମୁଁ ହେଉଛି ସମସ୍ତଙ୍କର ଆତ୍ମା ଏବଂ ସମସ୍ତଙ୍କର ସ୍ୱାମୀ ।’’

ଜୀବକୁ ଭଗବାନ ସବୁ ସମୟରେ ଶରଣ ଦେଇ ରଖୁଥାଆନ୍ତି । ଜୀବକୁ ବାରମ୍ବାର ତାଙ୍କର ସ୍ଥିତି ସମ୍ପର୍କରେ ଭଗବାନ ସୂଚନା ଦେଉଥାଆନ୍ତି । ମାତ୍ର ଜୀବ ଏପରି ଏକ ପ୍ରାଣୀ ଯେ କି ଭଗବାନଙ୍କୁ ଭୁଲିଯାଏ ।

ଭଗବାନ ଶ୍ରୀକୃଷ୍ଣ ଇନ୍ଦ୍ରପ୍ରସ୍ଥରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଉପସ୍ଥିତ ହୋଇଗଲେ । ଯଜ୍ଞକାର୍ଯ୍ୟ ଧୁମ୍‌ଧାମ୍‌ରେ ଚାଲିଲା ଯଜ୍ଞରେ ଏକ ଅଗ୍ରପୂଜା ବିଧି ଅଛି । ରାଜସୂୟ ଯଜ୍ଞକୁ ବିଭିନ୍ନ ଦେଶର ରାଜା ମହାରାଜାମାନେ ନିମନ୍ତ୍ରିତ ହୋଇଥାନ୍ତି । ଯଜମାନ (ଯେ ଯଜ୍ଞକରେ, ଏଠାରେ ଯୁଧିଷ୍ଠିର) ଋତ୍ୱିକ ଓ ଯଜ୍ଞରେ ଯୋଗ ଦେଇଥିବା ଦେବତା, ଋଷି ଓ ବ୍ରାହ୍ମଣମାନଙ୍କୁ ବିବତ୍ ପୂଜା କରି, ଆମନ୍ତ୍ରିତ ତଥା ଯୋଗଦାନ କରିଥିବା ରାଜାମାନଙ୍କ ଭିତରୁ ଜଣଙ୍କୁ ଶ୍ରେଷ୍ଠତମ ବିଚାର କରି ଅଗ୍ରପୂଜା କରିଥାନ୍ତି ।

ଲୋକୈଷଣା ଭକ୍ତି ଓ ଜ୍ଞାନ ମାର୍ଗର ପ୍ରଧାନ ପ୍ରତିବନ୍ଧକ । ଏଷଣା ଅର୍ଥ ବାସନା, କାମନା, ଅଭିଳାଷକୁ ବୁଝାଏ । ରାଜାମାନେ ସେମାନଙ୍କ ଦେଶର ତଥା ଅନ୍ୟ କେତେକ ଦେଶର ଭାଟମାନଙ୍କ ଦ୍ୱାରା ପ୍ରଶଂସିତ ସ୍ତୁତି ଶ୍ରବଣ କରି କରି ଅତ୍ୟନ୍ତ ପ୍ରତିଷ୍ଠାପ୍ରିୟ ହୋଇଥାନ୍ତି । ନିଜେ ନିଜକୁ ଶ୍ରେଷ୍ଠ ମନେକରି ଅଗ୍ରପୂଜାର ଏକମାତ୍ର ଅଧିକାରୀ ବୋଲି ମନେକରନ୍ତି । ଯଦି କୌଣସି କାରଣରୁ ପୂଜା ପାଇ ନ ପାରନ୍ତି, ଏଷଣାର ପ୍ରାଦୁର୍ଭାବରେ କ୍ରୋଧ ପ୍ରକାଶ କରନ୍ତି । କ୍ରୋଧ କୁବାକ୍ୟ ଉଚ୍ଚାରଣ କରାଏ ଏବଂ ଏହି ପାପ ଯୋଗୁ ତାର ଘୋର ପତନ ହୋଇଥାଏ ।

କାଳେ କାଳେ ସଂସାର ‘ଭଗ’କୁ ପୂଜା କରିଥାଏ । ‘ଭଗ’ ଶବ୍ଦର ଅର୍ଥ ହେଉଛି ସୃଷ୍ଟିର ସମଗ୍ର ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ । ଯାହାଙ୍କଠାରେ ଏହି ଛଅଟି ବସ୍ତୁ ପୂର୍ଣ୍ଣରୂପରେ ବିଦ୍ୟମାନ ତାଙ୍କୁ ହିଁ ଭଗବାନ କୁହାଯାଏ । ଏ ଯାଏ ଭାଗବତ ପାଠ କରିଥିବା ପାଠକଙ୍କ ମନରେ ଶ୍ରୀକୃଷ୍ଣ ଯେ ଏକମାତ୍ର ଭଗବାନ, ଅଚ୍ୟୁତ ଯେ ଏକମାତ୍ର ଭଗବାନ ଏଥିରେ କାହାର ସାମାନ୍ୟମାତ୍ର ସନ୍ଦେହ, ସଂଶୟ ନ ଥିବ । ଏହାକୁ ଯିଏ ସଂଶୟ କରେ ‘‘ସଂଶୟାତ୍ମା ବିନଷ୍ୟତି’, ତାର ବିନାଶ ଅବଶ୍ୟମ୍ଭାବୀ ।

ଯୁଧିଷ୍ଠିର ଅଗ୍ରପୂଜା କରିବେ । ତାଙ୍କର ଯଜ୍ଞସ୍ଥଳୀରେ ମୁନିଋଷି, ଦେବତା ଓ ବ୍ରାହ୍ମଣ ଉପସ୍ଥିତ । ଏମାନେ ସମସ୍ତେ ଭଗବାନଙ୍କର ଅଂଶ । ଏହି ସଭାରେ ଅନେକ ପୁରୁଷଶ୍ରେଷ୍ଠ ରାଜା ତଥା ଭୀଷ୍ମାଦି ସମ୍ମାନନୀୟ ବି ଅଛନ୍ତି । କିନ୍ତୁ ପୁରୁଷଶ୍ରେଷ୍ଠଙ୍କ ଅପେକ୍ଷା ପୁରୁଷୋତ୍ତମ ସର୍ବଶ୍ରେଷ୍ଠ । ଏମାନେ ସମସ୍ତେ ବି ପୁରୁଷୋତ୍ତମ ଭଗବାନ ଶ୍ୟାମସୁନ୍ଦରଙ୍କର ଅଂଶ ।

ସଂସାରରେ ଅଥବା ଜୀବଲୋକର ସମସ୍ତେ ହେଉଛନ୍ତି ଭଗବାନଙ୍କର ଅଂଶ । ଶ୍ରୀମଦ୍ ଭଗବଦ୍ ଗୀତାରେ ପୁରୁଷୋତ୍ତମ ଭଗବାନ କହିଛନ୍ତି . ମମୈବାଂଶୋ ଜୀବଲୋକେ ।’’ ଅସ୍ତୁ । ପୁରୁଷୋତ୍ତମ ଭଗବାନ ବି ହେଉଛନ୍ତି ନରୋତ୍ତମ । ଆମେ ସମସ୍ତେ ନରୋତ୍ତମ ଭଗବାନଙ୍କର ଏକ ଏକ ଅଂଶ ।

ଯୁଧିଷ୍ଠିର ହେଉଛନ୍ତି ଧର୍ମରାଜ । ତାଙ୍କୁ ସର୍ବଦା ଧର୍ମରକ୍ଷା ଉଦ୍ଦେଶ୍ୟରେ ସଚେତନ କରୁଅଛନ୍ତି କନିଷ୍ଠ ସହଦେବ । ତାଙ୍କ ପରାମର୍ଶରେ ଯୁଧିଷ୍ଠିର ଅଗ୍ରପୂଜା କଲେ ଭଗବାନ ନରୋତ୍ତମ ଶ୍ରୀକୃଷ୍ଣଙ୍କର । ସଭାସଦ୍ ସମସ୍ତେ ଏହାକୁ ଅନୁମୋଦନ କଲେ । ଧର୍ମର ପ୍ରତିଷ୍ଠା ବେଳେ ପାପ ବିଘ୍ନ ସୃଷ୍ଟି କରେ । ମାତ୍ର କ୍ଷଣକ ଭିତରେ ଧର୍ମର ତେଜରେ ପାପ ଜଳିପୋଡ଼ି ଭସ୍ମ ହୋଇଯାଏ ।

# ଯୁଦ୍ଧ ପ୍ରଭାବିତ ଯୁକ୍ରେନ ସାମ୍ବାଦିକତା

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଯୁକ୍ରେନରେ ୨୦୨୨ ଫେବୃୟାରୀ ଶେଷ ସପ୍ତାହରେ ଯୁଦ୍ଧଜନିତ ପରିସ୍ଥିତି ସୃଷ୍ଟିର ପ୍ରାଥମିକ ଅବସ୍ଥାରେ ସ୍ଥାନୀୟ ସାମ୍ବାଦିକତାର ସ୍ଥିତାବସ୍ଥା ଅନୁଶୀଳନ ସମକାଳ ଗଣମାଧ୍ୟମ ମୂଲ୍ୟାୟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଯୁକ୍ରେନକୁ ସମ୍ଭାବ୍ୟ ଆକ୍ରମଣ ଦୀର୍ଘ ସମୟ ପୂର୍ବରୁ ଆକଳନ କରାଯାଉଥିଲା । ତେଣୁ ସେଠାକାର ସମ୍ବାଦ ମଞ୍ଚଗୁଡ଼ିକ ଜରୁରୀ ପରିସ୍ଥିତି ସମ୍ମୁଖୀନ ହେବା ନିମନ୍ତେ ପୂର୍ବରୁ ପ୍ରସ୍ତୁତ ଥିଲେ ବୋଲି କୁହାଯାଇପାରେ । ଫଳରେ ଯୁଦ୍ଧ ଆରମ୍ଭ ହୋଇ ଯିବାପରେ ସୃଷ୍ଟ ସାମାଜିକ ଅସ୍ଥିରତାର ସଫଳ ମୁକାବିଲା କରି ନିଜ ନିଜ ପ୍ରକାଶନ ଜାରି ରଖି ପାରିଥିଲେ ।

ଯୁକ୍ରେନରେ ପାରମ୍ପରିକ ଗଣମାଧ୍ୟମ ଆର୍ଥିକ ସୋଭିଏତ ରଷରୁ ବିଚ୍ଛିନ୍ନ ହୋଇ ୧୯୯୧ରେ ଗଣତାନ୍ତ୍ରିକ ଶାସନ ପଦ୍ଧତି ପ୍ରଚଳନ ପରେ ସରକାରଙ୍କ କର୍ତ୍ତୃତ୍ୱରୁ କ୍ରମଶଃ ବେସରକାରୀ ମାଲିକାନାକୁ ପ୍ରବର୍ତ୍ତିତ ହୋଇଥିଲା । ସ୍ଥୁଳ ଦୃଷ୍ଟିରେ ବହୁଳ ପ୍ରସାରିତ ମଞ୍ଚଗୁଡ଼ିକ ବିତ୍ତଶାଳୀ ବ୍ୟବସାୟୀ ଓ ରାଜନୀତିକ ନେତୃବର୍ଗଙ୍କ ଦ୍ୱାରା ପରିଚାଳିତ ହେଉଥିବା ସ୍ଥଳେ ସୀମିତ ପ୍ରସାରିତ ବହୁ ସଂଖ୍ୟକ ସମ୍ବାଦ ମଞ୍ଚ ମୁକ୍ତ ସାମ୍ବାଦିକ 'ଇଣ୍ଡିପେଣ୍ଡେଣ୍ଟ ଜର୍ଣ୍ଣାଲିଷ୍ଟ' ଓ ଅଣ-ବ୍ୟବସାୟିକ 'ନନ-ପ୍ରଫିଟ' ଧାରାରେ ପ୍ରକାଶିତ ।

ସାଧାରଣତଃ ଯୁଦ୍ଧ ଅବସରରେ ଶତ୍ରୁପକ୍ଷ ଅଭିସନ୍ଧିମୂଳକ 'କନସ୍ପିରେସି' ସମ୍ବାଦ ପ୍ରସାରଣରେ ସଂପୃକ୍ତ ହୋଇଥାଏ । ଐତିହାସିକସ୍ତରରୁ ଏହି ପ୍ରଥା ଲାଗିରହିଛି ଏବଂ ଆଧୁନିକ ପରିବେଶରେ ଭର୍ଚୁଆଲ ମିଡ଼ିଆର ବ୍ୟାପ୍ତିପରେ ଅସତ୍ୟ, ଅତିରଞ୍ଜିତ ସମ୍ବାଦ ପ୍ରସାର ସହଜ ହୋଇ ପାରିଛି । ସୈନ୍ୟବଳ ପ୍ରୟୋଗରେ ଆକ୍ରମଣ କରିବା ପୂର୍ବରୁ ଉଦ୍ଦେଶ୍ୟ ପ୍ରଣୋଦିତ ସମ୍ବାଦ ପ୍ରସାରଣରେ ପ୍ରତିପକ୍ଷ ନାଗରିକଙ୍କ ମନୋବଳ ଦୁର୍ବଳ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରହେ ।

ଯୁକ୍ରେନ ସମ୍ବାଦ ମଞ୍ଚଗୁଡ଼ିକ ଶତ୍ରୁପକ୍ଷ ପ୍ରଚାର ଓ ଗୁଜବ ପ୍ରତିହତ କରିବା ନିମନ୍ତେ ଆନୁଷ୍ଠାନିକ ଓ ସାମୂହିକସ୍ତରରେ ନୀତିଗତ ନିଷ୍ପତ୍ତି ଆକ୍ରମଣ ପୂର୍ବରୁ ଗ୍ରହଣ କରି ସାରିଥିଲେ । ଉଦାହରଣରେ ଷ୍ଟାରଲାଇଟ ମିଡ଼ିଆ, ମିଡ଼ିଆ ଗ୍ରୁପ ଯୁକ୍ରେନ, ଇଣ୍ଟର-ମିଡ଼ିଆ ଗ୍ରୁପ ଓ ୱାନ-ପ୍ଲସ-ୱାନ ମିଡ଼ିଆ ଟେଲିଭିଜନ ମଞ୍ଚ ପକ୍ଷରୁ ସମ୍ବାଦ ପ୍ରସାରଣ କ୍ଷେତ୍ରରେ ଏକକ ନୀତି ନିର୍ଦ୍ଧାରଣ କରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ମିଳିତ ଘୋଷଣାନାମା ଜାରି କରିଥିଲେ । ସେମାନେ କ୍ରମାଗତ ସମ୍ବାଦ ପ୍ରସାରଣ ଜାରି ରଖି ବିଜ୍ଞାପନ ବିରତି ବନ୍ଦ କରି ଦେଇଥିଲେ ।

ବିବୃତିରେ କୁହାଯାଇଥିଲା ଯେ ଯୁକ୍ରେନ ସମ୍ବାଦ ପ୍ରସାରଣ ପରିଧିକୁ ସୁରକ୍ଷିତ ରଖିବା ନିମନ୍ତେ ଟେଲିଭିଜନ ମଞ୍ଚଗୁଡ଼ିକ ବଦ୍ଧ ପରିକର । ଜନସାଧାରଣ କିଭଳି ସର୍ବଶେଷ ଘଟଣାବଳୀ ସଂପର୍କୀତ ସମ୍ବାଦ ତତ୍କ୍ଷଣାତ ଅବଗତ ହୋଇପାରିବେ ସେହି ଦିଗରେ ମିଳିତଭାବେ ଉଦ୍ୟମ କରିବେ । ପର୍ଯ୍ୟାପ୍ତ ସଂଖ୍ୟକ ଯୁକ୍ରେନ ନାଗରିକ ଶ୍ରମ ନିଯୁକ୍ତି ଇତ୍ୟାଦି କାରଣରୁ ପଡ଼ୋଶୀ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଥିବା ହେତୁ ସ୍ଥାନୀୟ ଅଧିବାସୀଙ୍କ ସାଙ୍ଗକୁ ଦେଶାନ୍ତର ନାଗରିକଙ୍କ ମଧ୍ୟରେ ଟେଲିଭିଜନ ଓ ଇଣ୍ଟରନେଟ ଯୋଗେ ସମ୍ବାଦ ପ୍ରସାରଣ ଗୁରୁତ୍ୱ ବହନ କରିଥାଏ ।

ଯୁକ୍ରେନର ଚର୍ଚ୍ଚିତ ଇଂଲିଶ ଡ଼ିଜିଟାଲ ସମ୍ବାଦ ମଞ୍ଚଗୁଡ଼ିକ ମଧ୍ୟରେ 'କିଭ ପୋଷ୍ଟ' ଅନ୍ୟତମ । ଯୁକ୍ରେନର ରାଜଧାନୀ କିଭଠାରେ ୧୯୯୫ରୁ ପ୍ରକାଶନ ଆରମ୍ଭ କରିଥିବା 'କିଭ ପୋଷ୍ଟ'ର ମୁଦ୍ରିତ ସଂସ୍କରଣ ୧୯୯୭ରେ ଡ଼ିଜିଟାଲ ସଂସ୍କରଣ ଉନ୍ନୋଚିତ ହୋଇଥିଲା । ଏହି ସମ୍ବାଦ ପ୍ରତିଷ୍ଠାନରେ ୨୦୨୦ ସୁଦ୍ଧା ୫୦ ଜଣ କର୍ମଚାରୀ ନିଯୁକ୍ତ ହୋଇଥିବା ଜଣାଯାଏ । ଏହାର ମାଲିକାନା ଧନାଢ୍ୟ ବ୍ୟବସାୟୀଙ୍କ ମଧ୍ୟରେ ବାରମ୍ବାର ପରିବର୍ତ୍ତିତ ହୋଇଛି ଏବଂ ୨୦୨୨ରେ ଜଣେ ସିରିଆର ବ୍ୟବସାୟୀଙ୍କ ସମ୍ପତ୍ତି । 'କିଭପୋଷ୍ଟ'ର ଡ଼ିଜିଟାଲ ମଞ୍ଚ ଅନବରତ ଉନ୍ନୀତ 'ଅପଡେଟ' ହୋଇଥାଏ । ମୁଦ୍ରିତ ସଂସ୍କରଣ ସାପ୍ତାହିକ ଆକାରରେ ଶୁକ୍ରବାର ଦିନ ପ୍ରକାଶିତ ହୁଏ ।

'କିଭ ପୋଷ୍ଟ'ର ମୁଖ୍ୟ ସମ୍ପାଦକ ଯୁଦ୍ଧ ଆରମ୍ଭ ଅବସରରେ ମାର୍କିନ ସମ୍ବାଦ ମଞ୍ଚ 'ସିଏନଏନ'କୁ ଟେଲିଫୋନ ଯୋଗେ ସାକ୍ଷାତକାର ଦେଇ କହିଥିଲେ ଯେ ଶତ୍ରୁପକ୍ଷ ଆକ୍ରମଣର ସପ୍ତାହକ ପୂର୍ବରୁ ମଞ୍ଚର କାର୍ଯ୍ୟାଳୟ କ୍ରମଶଃ ବନ୍ଦ କରି ଦିଆ ଯାଇଥିଲା । କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ନିଜ ବାସଗୃହରୁ ସମ୍ବାଦ ପ୍ରଯୋଜନା ପ୍ରକ୍ରିୟାରେ ସାମିଲ ହେବା ନିମନ୍ତେ ନିର୍ଦ୍ଦେଶ ଦିଆ ଯାଇଥିଲା । ରାଜଧାନୀ କିଭ ଉପରେ ସମ୍ଭାବ୍ୟ ଆକ୍ରମଣରୁ ବର୍ତ୍ତିବା ନିମନ୍ତେ ଅନ୍ୟ ନାଗରିକଙ୍କ ଭଳି ସାମ୍ବାଦିକମାନେ ସହର ଛାଡ଼ି ଗ୍ରାମାଞ୍ଚଳ ବା ଦେଶାନ୍ତର ପଳାୟନ କରିଥିଲେ । ତେବେ ଅନଲାଇନରେ ସମସ୍ତେ ଏକଯୁଟ ହୋଇ ଡିଜିଟାଲ ମଞ୍ଚରେ କିପରି ସମ୍ବାଦ ପ୍ରକାଶିତ ହୋଇପାରିବ ସେଦିଗରେ ତତ୍ପର ରହିଥିଲେ ।

ଯୁଦ୍ଧର ପ୍ରଥମ ସପ୍ତାହରେ ପ୍ରତିଦିନ 'କିଭ ପୋଷ୍ଟ'ର ଡିଜିଟାଲ ମଞ୍ଚରେ ପଚିଶରୁ ତିରିଶି ଖଣ୍ଡ ଯାଏଁ ନୂତନ ସମ୍ବାଦ ପ୍ରକାଶିତ ହେଉଥିଲା । ଯୁଦ୍ଧ ଆରମ୍ଭ ମାତ୍ରେ ସମ୍ବାଦ ମଞ୍ଚକୁ ଅକାମୀ କରିଦେବା ନିମନ୍ତେ ଉଦ୍ୟମ କରାଯାଇଥିଲା । ହଠାତ ୱେବ ସାଇଟରେ ବହୁ ସଂଖ୍ୟକ ହିଟ ହେବା ଫଳରେ ସର୍ଭର ଡ଼ାଉନ ହୋଇ ଯାଇଥିଲା । ସେହି ବିପଦକୁ ଟାଳିବା ନିମନ୍ତେ 'କିଭ ପୋଷ୍ଟ' ପକ୍ଷରୁ ଫେସବୁକ, ଟୁଇଟର ଓ ଲିଙ୍କଡ଼-ଇନ ସୋସିଆଲ ମିଡ଼ିଆ ମଞ୍ଚରେ ସଂକ୍ଷିପ୍ତ ସମ୍ବାଦମାନ ପ୍ରକାଶନର ବ୍ୟବସ୍ଥା କରାଯାଇଥିଲା ।

ସମ୍ବାଦ ପ୍ରକାଶନ ଜାରି ରଖିବା ସଙ୍ଗେ ସାମ୍ବାଦିକମାନେ କିପରି ସୁରକ୍ଷିତଭାବେ କାର୍ଯ୍ୟଭାର ସମ୍ଭାଳି ପାରିବେ ସେହି ଦିଗରେ ରଣନୀତି ପ୍ରସ୍ତୁତ କରାଯାଇଥିବା 'କିଭ ପୋଷ୍ଟ'ର ସମ୍ପାଦକ ବର୍ଣ୍ଣନା କରିଥିଲେ । ସାମ୍ବାଦିକମାନଙ୍କୁ ସମ୍ବାଦ ପ୍ରକାଶନ କାଳରେ ନିଜର ନାମ ପ୍ରକାଶ ନକରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । କାରଣ ଘଟଣାଚକ୍ରରେ ଯଦି କିଛି କାଳ ଶତ୍ରୁପକ୍ଷ ରାଜଧାନୀ ଅକ୍ତିଆର କରିପାରନ୍ତି ତେବେ ସାମ୍ବାଦିକମାନଙ୍କୁ ଚିହ୍ନଟ କରି ଆକ୍ରମଣ କରିବା ସମ୍ଭାବନା ଅଧିକ । ତେଣୁ ସାମ୍ବାଦିକମାନେ କିପରି ଆତ୍ମଗୋପନ କରି ସମ୍ବାଦ ପରିବେଷଣ ଚାଲୁ ରଖିବେ ସେହି ଦିଗରେ ଦୀର୍ଘ ମିଆଦୀ ଯୋଜନା ଉପଯୋଗ ହୋଇଥିଲା ।

ଯୁକ୍ରେନ ଯୁଦ୍ଧର ପ୍ରାଥମିକ ଅବସ୍ଥାରେ ସମ୍ବାଦ ମଞ୍ଚଗୁଡ଼ିକର ଆଭିମୁଖ୍ୟରେ ପରିପକ୍ୱତା ସୂଚିତ କରିଥାଏ । ପାରସ୍ପରିକ ପ୍ରତିଯୋଗିତା ଭୁଲି ବିଭିନ୍ନ ପ୍ରକାଶନ ସଂସ୍ଥା ଏକକ ସମ୍ପାଦକୀୟ ନୀତି ପ୍ରଣୟନ ତଥା ବିଶ୍ୱସନୀୟ ସମ୍ବାଦ ପ୍ରସାରଣ ଜାରି ରଖିପାରିବା ହେତୁ ଯୁକ୍ରେନବାସୀ ସଚେତ ନିଷ୍ପତ୍ତି 'ଇନଫର୍ମଡ଼ ଡ଼େସିସନ' ଗ୍ରହଣ ନିମନ୍ତେ ପ୍ରଶସ୍ତ ପଥ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଥିଲେ । ଯୁଦ୍ଧ ଆରମ୍ଭର ପ୍ରଥମ ସପ୍ତାହରେ ସ୍ୱଚ୍ଛ ସମ୍ବାଦ ପ୍ରସାରଣ ଜାରି ରହିବା ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଜାତୀୟତାବାଦୀ ମନୋଭାବ ସୁଦୃଢ଼ ହୋଇଥିବା ପରିଲକ୍ଷିତ ହୋଇଥିଲା । ସୃଷ୍ଟ ଗଣମାଧ୍ୟମ ପରିବେଶ ଦେଶବାସୀଙ୍କୁ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ସୈନିକ ଭାବେ ଯୋଗ ଦେବା ନିମନ୍ତେ ପ୍ରବର୍ତ୍ତାଇବାରେ ସହାୟକ ହୋଇଥିବା ବିଶ୍ୱାସ କରାଯାଇ ପାରେ ।

ଯୁକ୍ରେନର ଗଣମାଧ୍ୟମ ଧାରା ଉଣାଅଧିକେ ଆମ ଦେଶ ତଥା ରାଜ୍ୟରେ ସମକାଳରେ ପ୍ରତିଫଳିତ । ଏଠାରେ ମଧ୍ୟ ବହୁଳ ପ୍ରସାରିତ ସମ୍ବାଦ ମଞ୍ଚଗୁଡ଼ିକ ବିତ୍ତଶାଳୀ ବ୍ୟବସାୟୀ ଓ ରାଜନୀତିକ ନେତୃବର୍ଗଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ମୁକ୍ତ ସାମ୍ବାଦିକତା ପରିପୃଷ୍ଟ ପ୍ରକାଶନଗୁଡ଼ିକର ପ୍ରସାର ସୀମିତ ଓ ସଂଖ୍ୟା ଅଧିକ । ଯୁକ୍ରେନରେ ଇଣ୍ଟରନେଟ ସଂଯୁକ୍ତି ପ୍ରାୟ ୫୦ ପ୍ରତିଶତ । ସେଠାକାର ସମ୍ବାଦ ମଞ୍ଚଗୁଡ଼ିକ ବିଜ୍ଞାପନ ଓ ପ୍ରାୟୋଜିତ ସମ୍ବାଦ 'ପେଡ଼ ନ୍ୟୁଜ', 'ଏଡ଼ଭଟୋରିଆଲ' ସମୃଦ୍ଧ । ପାଠକମାନେ ଡ଼ିଜିଟାଲ ମଞ୍ଚ ପ୍ରାୟତଃ ମାଗଣା ବ୍ୟବହାର କରନ୍ତି । ଅବଶ୍ୟ ଟେଲିଭିଜନ ଓ ଡ଼ିଜିଟାଲ ମଞ୍ଚ ପରକୁ ସମ୍ବାଦ ଆହରଣ ନିମନ୍ତେ ମୁଦ୍ରଣ ମଞ୍ଚର ସ୍ଥାନ । ଯୁକ୍ରେନର ସମ୍ବାଦ ମଞ୍ଚଗୁଡ଼ିକ ଇଣ୍ଟରନେଟଭିତ୍ତିକ ହୋଇ ସାରିଥିବା ହେତୁ ଯୁଦ୍ଧ ପ୍ରଭାବିତ ପରିବେଶ ପ୍ରାଥମିକସ୍ତରରେ ସମ୍ବାଦ ସରବରାହରେ ବ୍ୟାଘାତ ସୃଷ୍ଟି କରିପାରି ନ ଥିଲା ।

## ଶରୀରର ହିତ ପାଇଁ କଳା ଲୁଣ

କଳା ଲୁଣର ଔଷଧୀୟ ଗୁଣରେ ଭରପୂର ହୋଇଥାଏ । ଏଥିରେ ପ୍ରାୟ ୮୦ ପ୍ରକାର ଖଣିଜ ପଦାର୍ଥ ମିଳିଥାଏ । ଏଥିରେ ଥିବା ସଲଫର ସଲ୍ଟ କାରଣରୁ ସୁଗନ୍ଧ ଆସିଥାଏ । କଳା ଲୁଣ ନିଦ୍ରାହୀନତା ମଧ୍ୟ ଦୂର କରିଥାଏ । ଆଣ୍ଠୁଗଣ୍ଠି ଯନ୍ତ୍ରଣାରେ ଗରମ ପାଣିରେ କଳା ଲୁଣ ମିଶାଇ ଯନ୍ତ୍ରଣା ହେଉଥିବା ସ୍ଥାନରେ ସେକ ଦେଲେ ଆରାମ ମିଳିଥାଏ । କଳା ଲୁଣ ପକାଇ ଗରମ ପାଣିରେ ବାମ୍ଫ ନେଲେ କଫ, ସର୍ଦ୍ଦି ଓ କାଶ ଦୂର ହେବାରେ ସହାୟତା ମିଳିଥାଏ । ଲାଲ ଟମାଟୋ ଓ କଳାଲୁଣ ମିଶାଇ କେଶରେ ଲଗାଇଲେ ରୁପି ଖୁବ୍ ଶୀଘ୍ର ଦୂର ହୋଇଥାଏ । ହୃଦରୋଗୀ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ସାଧାରଣ ଲୁଣ ବଦଳରେ କଳା ଲୁଣ ଲାଭଦାୟକ ହୋଇଥାଏ ।



## ଆଜିର ଚିନ୍ତନ

ଧାତା ଯାହା କପାଳରେ ଲେଖିଛନ୍ତି, ତାହା ଅବଶ୍ୟ ଫଳିବ । କପାଳରେ ଲେଖା ଥିଲେ ମେରୁରେ ହେଉ କି ମରୁରେ ହେଉ ନିଶ୍ଚୟ ମିଳିବ । କପାଳ ଲେଖା ଦୂର କରିବାକୁ କାହାର ଶକ୍ତି ନାହିଁ । ସ୍ୱୟମ୍ଭୁ ଶିବ, ଶକ୍ତି, ବିଷ୍ଣୁ କେହି କପାଳ ଲେଖା ଲିଭାଇ ପାରିବେ ନାହିଁ । ଲଲାଟରେ ଯାହା ଲେଖା ଥିବ, ତାକୁ ହରି, ହର, ବ୍ରହ୍ମାଦି ଦେବତାମାନେ ମଧ୍ୟ ଅନ୍ୟଥା କରି ପାରିବେ ନାହିଁ । ଶାସ୍ତ୍ର କହନ୍ତି, ହରିଣାପି ହରେଣାପି ବ୍ରହ୍ମଣାପି ସୁରୈରପି, ଲଲାଟ ଲିଖିତା ରେଖା ପରିମାର୍ଷ୍ଟୁଂ ନ ଶକ୍ୟତେ । ମେଘ ଓ ଧନ ଏ ଦୁଇଟିର ଗତି ଅତି ବିଚିତ୍ର, ତାହା ଦେଖାଯାଏ ନାହିଁ, କି ଧରା ପଡେ ନାହିଁ । ପାଣିପାଗ ବିଜ୍ଞାନୀ ମଧ୍ୟ ଅନେକ ସମୟରେ କହିଥିବା କଥାକୁ ପୁଣି ସଂଶୋଧନ କରି କହନ୍ତି । ମେଘର ଗତି ବଦଳିଯାଏ । ସେହିପରି ଧନର ଗତି ବିଚିତ୍ର । ଲକ୍ଷ୍ମୀଙ୍କର ଅନ୍ୟ ନାମ ଚଞ୍ଚଳା- ଚଞ୍ଚଳା ଲକ୍ଷ୍ମୀ, 'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା, ଚଞ୍ଚଳା, ଶ୍ରୀହରିପ୍ରିୟା, ଇନ୍ଦିରା, ଲୋକମାତା, ମା, କ୍ଷୀରାବ୍ଧୀ ତନୟା, ରମା । ଏ ସବୁ ଲକ୍ଷ୍ମୀଙ୍କର ନାମ । ତେଣୁ ଧନ ଆଜି ଏଠି ଥାଏ କାଲି ସେଠି । ଆଜିର ଧନୀ କାଲିର ନିର୍ଦ୍ଧନ । ଆଜିର ଦରିଦ୍ର କାଲିକି କୋଟିପତି । ମେଘ ଏବଂ ଲକ୍ଷ୍ମୀ କେତେବେଳେ କେଉଁଠୁ ଆସନ୍ତି, କେଉଁଠିକି ଚାଲିଯାଆନ୍ତି, ଜାଣିବା ଦୁଷ୍କର । ଏ ପରିପ୍ରେକ୍ଷୀରେ ଶାସ୍ତ୍ର କହନ୍ତି, କୁତ ଆଗତ୍ୟ ଘଟତେ ବିଘଟ୍ୟ କୁ ନ ଯାତିବ । ନ ଲକ୍ଷ୍ୟତେ ଗତିର୍ଷ୍ଟିତ୍ରା ଘନସ୍ୟ ଚ ଧନସ୍ୟ ଚ । ଜ୍ଞାନ ଜୀବନର ଆଲୋକ । ଏହା ସର୍ବଦା ସର୍ବତ୍ର ସବୁ କ୍ଷେତ୍ରରେ ସବୁ ସମୟରେ ପବିତ୍ର, ପ୍ରକାଶମୟ । ତେଣୁ ଗୀତାରେ ଶ୍ରୀକୃଷ୍ଣ ଭଗବାନ୍ କହିଛନ୍ତି ଏହି ସଂସାରରେ ଜ୍ଞାନ ପରି ପବିତ୍ର ଆଉ କିଛି ନାହିଁ । ଜ୍ଞାନ ହିଁ ମୋକ୍ଷ ପ୍ରଦାନ କରେ । ଜ୍ଞାନ ପଛେ ପଛେ ମୋକ୍ଷ ଗୋଡ଼ାଏ । ଜ୍ଞାନୀ ସର୍ବଦା ନିଷ୍କାମ, ଜ୍ଞାନୀ ଲୋଭ, ମୋହ, କାମନା ଶୂନ୍ୟ । କାମନା ଶୂନ୍ୟତା ହିଁ ନିର୍ବାଣ ପ୍ରାପ୍ତିର ସାଧନ । ଜ୍ଞାନୀ କାଶୀରେ ଶରୀର ତ୍ୟାଗ କରନ୍ତୁ କି ଚାଣ୍ଡାଳ ଘରେ ମରନ୍ତୁ, ସେଥିରେ କିଛି ଯାଏ ଆସେ ନାହିଁ । ସେମାନେ ମୁକ୍ତି, ମୋକ୍ଷର ଅଧିକାରୀ ହୋଇ ଯାଇଥାନ୍ତି ଜ୍ଞାନ ପ୍ରାପ୍ତି ସମୟରୁ । ତନୁତ୍ୟଜନ୍ତି କାଶ୍ୟାଂ ଚ ଶ୍ୱପଚସ୍ୟ ଗୃହେଥାବା, ଜ୍ଞାନ ସଂପ୍ରାପ୍ତ ସମୟେ ମୁକ୍ତୋସୌ ବିଗତାଶୟଃ । ସଜ୍ଜନ, ସନ୍ଥଜନ, ସାଧୁଜନ ସଙ୍ଗ ନୀଚକୁ ମଧ୍ୟ ଉଚ୍ଚ କରି ଦେଇଥାଏ । ସଙ୍ଗରୁ ଗୁଣ, ସଙ୍ଗରୁ ଦୋଷ, ଜାତ ହୁଏ । ହାତରେ ମଲ୍ଲି ଫୁଲ ଧରିଲେ କୁଷ୍ଠରୋଗୀର ହାତ ମଧ୍ୟ ସୁବାସିତ ହୁଏ । ଭଲ ହାତରେ ମଧ୍ୟ ମଳ ଧରିଲେ ହାତ ଦୁର୍ଗନ୍ଧ ହୋଇଯାଏ । ଫୁଲ ସାଙ୍ଗରେ ପିମ୍ପୁଡି ରହି ଶିବଙ୍କ ମସ୍ତକରେ ଯାଇ ବସେ । ଭାଲଚନ୍ଦ୍ରଙ୍କୁ ସ୍ପର୍ଶ କରେ । ଅସଜ୍ଜନଃ ସଜ୍ଜନ ସଙ୍ଗୀ ସଙ୍ଗୀତ କରୋତି ଦୁଃସାଧମପୀହ ଲୋକେ, ପୁଷ୍ପାଶ୍ରୟାତ୍ ଶମ୍ଭୁ ଶିରୋଧିରୂଢ଼ା ପିପ୍ପଲିକା ଚୁମ୍ବତି ଚନ୍ଦ୍ର ବିମ୍ବମ୍ ।

# ଗୋସ୍ୱାମୀଙ୍କ ନାମ ସାଧନା

ଗୋସ୍ୱାମୀ ତୁଳସୀ ଦାସ ସୁସଂସ୍କୃତ ବିଦ୍ୱାନ୍ ଓ ମହାନ୍ କବି-ହୃଦୟ-ବ୍ୟକ୍ତି ଥିଲେ । ସେ ତାଙ୍କ ଅଧ୍ୟୟନ, ସ୍ୱାଧ୍ୟାୟ ଓ ସାଧନାରେ ପ୍ରାଚୀନ ଭାରତୀୟ ସାହିତ୍ୟ ସମ୍ପଦକୁ ଆତ୍ମସାତ୍ କରି ପାରିଲେ । ସେ ନିଜ ଉପାସନାରେ ପରାତ୍ପର ପରଂବ୍ରହ୍ମ ରାମଙ୍କୁ ଏବଂ ତାଙ୍କ ନାମକୁ ଅଧିକ ମହତ୍ତ୍ୱ ଦେଇଛନ୍ତି । ଏହି ନାମୋପାସନା ଭାରତୀୟ ପରମ୍ପରାର ଅର୍ବାଚୀନ ନୁହେଁ ।

ବେଦରେ ପରମାତ୍ମାଙ୍କ ଅନେକ ନାମରୁ କୌଣସି ଗୋଟିଏ ନାମକୁ ଉପାସନା କରିବା ପାଇଁ ନିର୍ଦ୍ଦେଶ ଅଛି । ବହୁ ଦେବତା ବାଦ ସ୍ଥାନରେ ଏକ ପରମାତ୍ମାଙ୍କୁ ଆରାଧନାକରିବା ପାଇଁ ଦୃଢ଼ଭାବରେ କୁହାଯାଇଛି । ପ୍ରଣବ ହିଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଏ ତିନି ଦେବତାଙ୍କ ବାଚକ ବୋଲି କୁହାଯାଇଛି । ଆଚାର୍ଯ୍ୟ ବିନୋବା 'ରାମ ଶବ୍ଦଉପରେ ଏତେ ଦୃଢ଼ ବିଚାର ଦେଇଛନ୍ତି, ଯାହା ସମସ୍ତ ଆସ୍ଥାର କେନ୍ଦ୍ର ବୋଲି କହିଛନ୍ତି । ରାମ ତାପିନୀ ଉତ୍ତର-ତାପିନୀ ଉପନିଷଦରେ ପ୍ରଣବର ଅ,ଉ,ମ କୁ କ୍ରମଶଃ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ବୋଲି କହି ସଂପୂର୍ଣ୍ଣ ଓଁ କୁ ରାମଙ୍କ ବାଚକ ବୋଲି ସୂଚୀ କରାଯାଇଛି । ପୁଣି ରାମ ରହସ୍ୟୋ ପନିଷଦରେ ବେଦାନ୍ତ ମହାବାକ୍ୟ ତତ୍ତ୍ୱମସୀର ସମକକ୍ଷ କରି, ରାମର କାରକୁ ତତ୍, ମକାରକୁ ତ୍ୱମ୍, ଓ ଅସୀକୁ ସଂଯୋଜକ ବୋଲି ଦେଖାଇ ସଂପୂର୍ଣ୍ଣ ରାମଙ୍କୁ ଅଦ୍ୱୈତ ତତ୍ତ୍ୱର ବୋଧକ ବୋଲି କହିଛନ୍ତି । ରାମ ନାମର ସୁଦୀର୍ଘ ପରମ୍ପରା ସବୁ ସନ୍ଥକାବ୍ୟରେ ପ୍ରତି ଫଳିତ । ନାମୋପାସନା, ଜପଯୋଗ-ଅଜପା ଯୋଗର ମୂଳାଧାର ସ୍ୱରୂପ ।

ନାମ ସ୍ମରଣର ବୈଜ୍ଞାନିକ ଧାରା:

ଈଶ୍ୱରଙ୍କ ନାମ ନେବା ଓ ନାମରେ ପୂର୍ଣ୍ଣ ବିଶ୍ୱାସ ଆସିବା ପରେ ମନୁଷ୍ୟର ସମସ୍ତ ମାନସିକ ଓ ଶାରୀରିକ ରୋଗ, ଶୋକ, ବାଧା ଦୂର ହୋଇଯାଏ । ମନୁଷ୍ୟର ବିଚାରରେ ତାର ଆଖ ପାଖ ବାତାବରଣ ନିର୍ମାଣ ହୁଏ । ମସ୍ତିଷ୍କରେ ଯେ ପ୍ରକାର ବିଚାର ବୀଜ ବୁଣାଯାଏ ଜୀବନରେ ସେହି ପ୍ରକାର ଗଛ ଉଠେ । ଈଶ୍ୱର ନାମକ ସଦ୍‌ବିଚାର ଆସିବା ପରେ ଏପରି ଏକ ପବିତ୍ର କମ୍ପନ ହୁଏ ଯାହାର ସଂସ୍ପର୍ଶରେ ଆଖ ପାଖ ବାତାବରଣ ଶୁଦ୍ଧ ଓ ପବିତ୍ରତାରେ ପୂର୍ଣ୍ଣ ହୋଇଯାଏ । ଯେପରି ଏକ ପ୍ରଭାବଶାଳୀ ଔଷଧ ଶରୀରର ରୋଗ ଦୂରକରେ, ସେହିପରି ଈଶ୍ୱର ଭକ୍ତିରୂପୀ ମାନସିକ ଚିକିତ୍ସା ମନୁଷ୍ୟର ଦିବ୍ୟ ଆତ୍ମିକ ଶକ୍ତିକୁ ବିକଶିତ କରେ । ଈଶ୍ୱରଙ୍କ ନାମରେ କମ୍ପନର ରୋଗଦୂର କରି ଦୁର୍ବଳ ଶରୀରକୁ ବଳବାନ୍ କରେ । ଏହା ବ୍ୟତୀତ ଅନ୍ୟର ଦୁର୍ଗୁଣ ଦୁର୍ବାସନ ମେଣ୍ଟାଇବାରେ ମଧ ଏହାର ଅଦ୍ଭୁତ ସାମର୍ଥ୍ୟ ଅଛି । ମସ୍ତିଷ୍କରେ ଈଶ୍ୱରୀୟ ବିଚାର ପ୍ରବାହ ପକାଇ ଦେଲେ ରୁଗ୍ଣାବସ୍ଥାରେ ବି ପବିତ୍ର ଶକ୍ତିର ସଞ୍ଚାର ହୁଏ ଓ ସେହି ସ୍ଥାନରେ ବିଶୁଦ୍ଧ ରକ୍ତ ଆବଶ୍ୟକ ପରିମାଣରେ ପହଞ୍ଚିବାକୁ ଲାଗେ । ଏହି ଈଶ୍ୱରୀୟ ବିଚାର ଶରୀର ମନର କ୍ଷୟକୁ ରୋକି ପାଚନ କ୍ରିୟାକୁ ମଧ ଉତ୍ତମ ଭାବେ ସଞ୍ଚାଳିତ କରେ । ଏହା ବ୍ୟତୀତ ଈଶ୍ୱରୀୟ ଚିନ୍ତା ଯେବେ ସଂପୂର୍ଣ୍ଣ ମନ ଆତ୍ମାରେ ଭରିଯାଏ ତେବେ ଧ୍ୱଂସାତ୍ମକ ବିଚାରରୁ ରକ୍ଷାମିଳେ । ଭୟ, ଚିନ୍ତା, ଶୋକ, ଦ୍ୱେଷ, କ୍ରୋଧ, ଘୃଣା ଆଦି ଧ୍ୱଂସାତ୍ମକ ବିଚାର ମନକୁ ଆକ୍ରମଣ କରି ପାରନ୍ତି ନାହିଁ । ଏହା ହେଉଛି ନାମ ସ୍ମରଣର ବୈଜ୍ଞାନିକ ଧାରା । କୌଣସି ଏକ ନାମ ସାଧନାର ତାତ୍ପର୍ଯ୍ୟ ହେଲା ବହୁବାଦ ସ୍ଥାନରେ ଏକ ପରମାତ୍ମାଙ୍କ ଆରାଧନା ।

ଗୋସ୍ୱାମୀ ତୁଳସୀ ଦାସ ନାମ ସାଧନାର ସିଦ୍ଧ ଯୋଗୀ । ଉପାସନାରେ ସେ ପରଂବ୍ରହ୍ମ ରାମଙ୍କଠାରୁ ତାଙ୍କ ନାମର ଅଧିକ ମହତ୍ତ୍ୱ ଦେଇଛନ୍ତି ।

ରାମ ନାମ କୋ ଅଂକ ହେଁ ସବ ସାଧନ ହେଁ ସୂନ୍ ।

ଅଂକ ଗଏ କଛୁ ହାତ ନହିଁ ଅଂକ ରହେ ଦସ ଗୁନ ।।

ଯେପରି କୌଣସି ସଂଖ୍ୟାର ଡାହାଣକୁ ଯେତେ ଶୂନ ଦିଆଯାଏ ପ୍ରତ୍ୟେକ ଥର ପାଇଁ ସଂଖ୍ୟାର ମୂଲ୍ୟ ଦଶଗୁଣ ଲେଖାଏ ବଢ଼ିଯାଏ । ଯେବେ ମୂଳଅଙ୍କଟି ଲିଭାଇ ଦିଆଯାଏ ତେବେ ନିରର୍ଥକ ଶୂନ୍ୟ ଗୁଡ଼ିକ ପଡ଼ି ରହେ । ସେହିପରି ସମସ୍ତ ସାଧନର ମୂଳଅଙ୍କ ହେଉଛି ରାମନାମ ।

ପୟ ଆହାର ଫଳ ଖାଇ ଜପୁ ରାମ ନାମ ଷଟମାସ ।

ସକଳ ସୁମଗଂଳ ସିଦ୍ଧି ସବ କରତଲ ତୁଲସୀ ଦାସ ।।

ଯଦି କେହି ଶୁଦ୍ଧ ଆହାର ବିହାର କରି ଛଅମାସ ମାତ୍ର ନାମସ୍ମରଣ ବ୍ରତ ଧାରଣ କରି ନାମ ଜପ କରେ ତେବେ ସେ ସମସ୍ତ ସିଦ୍ଧି ପ୍ରାପ୍ତ କରି ପାରିବ ।

ନାମର ମହିମା ସଂପର୍କରେ କହିବାକୁ ଆରମ୍ଭ କରି ଗୋସ୍ୱାମୀ କହିଛନ୍ତି, ନାମର ସ୍ୱୟଂ ରାମ ବି କହି ପାରିବେ ନାହିଁ ।

କହୌଁ କହାଁ ଲଗି ନାମ ବଡ଼ାଈ ।

ରାମ ନ ସକଇ ନାମ ଗୁନ୍ ଗାଈ ।।

ଯାହା ମୁହଁରୁ ଅନାୟାସରେ ବି ରାମନାମ ବାହାରି ପଡ଼େ, ତାକୁ ଗୋସ୍ୱାମୀ ଏତେବଡ଼ ଭକ୍ତ ବୋଲି ମାନନ୍ତି, ଯାହାକି ତାଙ୍କ ଦେହର ଚମଡ଼ା ସେହି ଭକ୍ତ ପାଦର ଯୋତାକୁ ଯୋଗ୍ୟ ବୋଲି କହିଛନ୍ତି ।

ତୁଳସୀ ଜିନକେ ମୁଖନତେ ଝୁଠଉ ନିକସତ ରାମ ।

ତିନକେ ପଗକି ପାଓ୍ୱରୀ ମେରେ ତନ କୋ ଚାମ ।।

ଏହି ନାମ ପାଇଁ କେତେ ଅନୁରାଗ, କେତେ ଆକର୍ଷଣ, କେତେ ତାର ନିକଟତମ, ସେଥିପାଇଁ କହିଛନ୍ତି, ଯେପରି କାମୀ ତା ସ୍ତ୍ରୀକୁ ଭଲ ପାଏ, ଲୋଭୀ ଯେପରି ତା ଧନକୁ ଭଲ ପାଏ ମୁଁ ରାମଙ୍କୁ ସେହିପରି ଭଲପାଏ ।

କାମୀ ହିଁ ନାରୀ ପିଆରୀ ଜିମି, ଲୋଭୀ ହିଁ ପ୍ରିୟ ଜିମି ଦାମ ।

ତିମି ରଘୁନାଥ ନିରଂତର ପ୍ରିୟ ଲାଗହୁଁ ମୋହି ରାମ ।।

କେହି ନିର୍ଗୁଣକୁ ବୁଝେ, କେହି ସଗୁଣକୁ ବୁଝେ । ଗୋସ୍ୱାମୀ କହନ୍ତି, କିଛି ଚିନ୍ତା ନାହିଁ । ନାମକୁ ଧରି ରଖ । ଏ ଦୁହିଁଙ୍କୁ ବୁଝିଯିବ । କାରଣ ନାମ ସାଧନରେ ସଗୁଣ ନିର୍ଗୁଣର ଭେଦ ନାହିଁ । ଉଭୟ ସାଧକ ମଧ ନାମ କରନ୍ତି ।

ଅଗୁନ ସଗୁନ ବୀଚ ନାମ ସୁସାକ୍ଷି ।

ଉଭୟ ପ୍ରବୋଧକ ଚତୁର ଦୁଭାଷୀ ।

ଉଭୟ ଅଗମ ଜୁଗ ସୁଗମ ନାମତେ । କହେଉଁ ନାମୁ ବଡ଼ ବ୍ରହ୍ମ ରାମତେ ।। ବ୍ରହ୍ମର ଅର୍ଥ ନିର୍ଗୁଣ ପ୍ରଭୁ, ରାମ ହେଉଛନ୍ତି ସଗୁଣ ପ୍ରଭୁ । ଏପରି କେତେକ ଭକ୍ତ ଅଛନ୍ତି ଯେ କି ସଗୁଣ ଧାନରେ ରସ ପ୍ରାପ୍ତ କରି ପାରନ୍ତି ନାହିଁ । ନିର୍ଗୁଣ ତ ଏହାଠାରୁ ବହୁତ ଦୂରରେ ଓ ଧାନରେ ଅଗମ୍ୟ । ଏଣୁ ତୁଳସୀ କହୁଛନ୍ତି, ନାମକୁ ଧର । ଏ ଦୁହେଁ ଆସିଯିବେ । କେବଳ ନାମକୁ ଧରିଲେ ନିର୍ଗୁଣକୁ ବୁଝିଯିବ, ସଗୁଣରେ ରୁଚି ମଧ ଆସିଯିବ ।

ସଗୁନ ଧାନ ରୁଚି ସରସ ନହିଁ ନିର୍ଗୁନ ମନତେ ଦୂରୀ ।

ତୁଳସୀ ସୁମିରହୁଁ ରାମକୋ ନାମ ସଂଜିବୀ ମୁରୀ ।।

ନାମ ଧରି ଡାକିଲେ ନାମୀ ଆସନ୍ତି ନାମୀ ଅର୍ଥାତ୍, ରୂପ, ଆମ ପାଖରେ ଅଛି । କିନ୍ତୁ ଆମେ ତାର ନାମ ଜାଣୁନା ତେଣୁ ସେ ରୂପ ଆମର କୌଣସି କାମକୁ ଆସେନା । ଅର୍ଥାତ୍, ନାମ ନ ଜାଣିଥିଲେ ନାମୀ ବି ଉଭେଇ ଯାନ୍ତି ।

ରୂପ ବିସେଷ ନାମ ବିନୁଜାନେ ।

କରତଲ ଗତ ନପରହି ପହିଚାନେ ।

ଉଦାହରଣ ସ୍ୱରୂପ, କୌଣସି ବସ୍ତୁ ଆମେ ହାତରେ ଧରିଛୁ, କିନ୍ତୁ ତାର ନାମ୍ ଜାଣି ନାହୁଁ । ତେଣୁ ତାର ସହ ବିନିଯୋଗ କରିପାରିବୁ ନାହିଁ - ଅବହେଳା ହେତୁ ମଧ ତାହା କୁଆଡ଼େ ହଜିଯିବ । ଥରେ କୌଣସି ଏକ ବ୍ୟକ୍ତି ବାଟରେ ଯାଉ ଯାଉ ଏକ ଚକଚକିଆ ବସ୍ତୁ ପଡ଼ିଥିବାର ଦେଖି ଉଠାଇ ଆଣିଲା । ତାହା ଏକ ହୀରାଖଣ୍ଡ ଥିଲା । କିନ୍ତୁ ସେ ବ୍ୟକ୍ତି କେବେ ହୀରା ଦେଖିନାହିଁ କି ତତ୍ସଂପର୍କୀୟ ଜ୍ଞାନ ତାର ନାହିଁ । ତାର ଚମତ୍କାର ଚକଚକିଆ ରୂପ ଦେଖି କେବଳ ଉଠାଇ ଆଣିଛି । ନାମ ଜାଣି ନାହିଁ କେବଳ ସୁନ୍ଦର ରୂପରେ ମୁଗ୍ଧ ହୋଇ ଭାବିଲା, ଘରେ ପିଲାଙ୍କୁ ଦେଲେ ଖେଳିବେ । କିଛି ବାଟ ବଜାରରେ ବୁଲିବା ପରେ ତାକୁ ଭୋକ ଲାଗିଲା- ପାଖରେ ପଇସା ନାହିଁ । ତେଣୁ ସେହି ଅଜଣା ବସ୍ତୁ ବଦଳରେ କେଉଁଠାରୁ କିଛି ଅର୍ଥ ପାଇବା ପାଇଁ ଚେଷ୍ଟା କଲା ।

ବିଭିନ୍ନ ଦୋକାନରେ ଦେଖାଇବା ପରେ ତାର ଆଶା ପୂରଣ ହେଲା ନାହିଁ । ଶେଷରେ ଗୋଟିଏ ଦୋକାନରେ ପହଞ୍ଚିଲା, ତାହା ଥିଲା ଗୋଟିଏ ଜହୁରୀ ଦୋକାନ ଜହୁରୀ ଦେଖିବା ପରେ ଚିହ୍ନିଲା, ଏହା ଖଣ୍ଡିଏ ମୂଲ୍ୟବାନ ହୀରା । ତେଣୁ ବିକ୍ରେତାର ଅନୁମାନରୁ ବହୁ ଅଧିକ ମୂଲ୍ୟଦେବା ପାଇଁ କହିଲା । ବିକିଲା ବାଲା ଯେତେବେଳେ ବସ୍ତୁର ନାମ ଜାଣିଗଲା, ତାର ଆଖି ଖୋଲିଗଲା ଏବଂ ସେ ତାକୁ ଏପରି ବିକି ଦେବା ପାଇଁ ଇଚ୍ଛା ନ କରି ଫେରି ଆସିଲା ।

ଏହି ଗଳ୍ପର ତାତ୍ପର୍ଯ୍ୟ ହେଲା, ତା ପାଖରେ ଯେଉଁ ବସ୍ତୁ ଥିଲା ତାର ନାମ ସେ ଜାଣି ନଥିଲା । ନାମ ସେ ଜାଣିଯିବା ପରେ ତା ଦ୍ୱାରା ତାର ଦରିଦ୍ରତା ଦୂର ହୋଇ ଗଲା । ଏଣୁ ଗୋସ୍ୱାମୀ ତୁଳସୀ ଦାସ କହନ୍ତି, ସେହି ଆନନ୍ଦଘନ ଅବିନାଶୀ ବ୍ରହ୍ମ ଆମରି ଭିତରେ, ଅର୍ଥାତ୍ ଖୁବ୍ ନିକଟରେ ଅଛନ୍ତି । କିନ୍ତୁ ଜୀବ ସକଳ ତାଙ୍କୁ ନ ଜାଣି କେବଳ ଦୁଃଖୀ ହୋଇ ଅଛନ୍ତି ।

ବ୍ୟାପକ ଏକ ବ୍ରହ୍ମ ଅବିନାସୀ ।

ସତ ଚେତନ ଘନ ଅନଂଦ ରାସି ।

ଅସ ପ୍ରଭୁ ହୃଦୟ ଅଛତ ଅବିକାରୀ । ସକଳ ଜୀଓ୍ୱ ଜଗ ଦୀନ ଦୁଖାରୀ ।

ଯେତେବେଳେ ନାମରେ ତାଙ୍କୁ ଅଭିମନ୍ତ୍ରିତ କରାଯାଏ ସେତେବେଳେ ହିଁ ସର୍ବବ୍ୟାପୀ ବ୍ରହ୍ମ କ୍ରିୟାଶୀଳ ହୁଅନ୍ତି ଓ ଉପଯୋଗୀ ମଧ ହୁଅନ୍ତି ।

ନାମ ନିରୂପନ ନାମ ଜାଣି ନ ଥିଲେ ନାମୀ ବି ଉଭେଇଯାନ୍ତି । ସେହି ବ୍ୟକ୍ତି ଯଦି ପାଇଥିବା ବସ୍ତୁର ନାମ ନଜାଣି ଘରକୁ ଯାଇଥାନ୍ତା ଓ ପିଲାଙ୍କୁ ଖେଳିବା ପାଇଁ ଦେଇଥାନ୍ତା, ତେବେ ଛୋଟ ପିଲା କିଛି ସମୟ ଖେଳି କେଉଁଠି ପକାଇ ଦେଇଥାନ୍ତେ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଟିକିଏ ହସନ୍ତୁ

ସ୍ୱାମୀ ସ୍ତ୍ରୀଙ୍କୁ ଆଜି ତମେ ମୋ ପାଇଁ ଏମିତି ଚା' କରିଦିଅ ଯେମିତି କି ମୋର ସାରା ଶରୀର ଝୁମି ଉଠିବ । ଆଉ ମନ ନାଚିଯିବ ।

ସ୍ତ୍ରୀ: ଆମ ଘରକୁ ଗାଈ କ୍ଷୀର ଆସେ, ନାଗୁଣୀର ନୁହେଁ ।

× × × ×

ସ୍ତ୍ରୀ ସ୍ୱାମୀଙ୍କୁ: ଆଜିଠାରୁ ମୁଁ ତୁମ ସାଙ୍ଗରେ କଥା ହେବିନି ।

ସ୍ୱାମୀ: ଠିକ୍ ଅଛି ।

ସ୍ତ୍ରୀ: କାରଣ ଜାଣିବାକୁ ଚାହିଁବନି ?

ସ୍ୱାମୀ: ନା । ମୁଁ ତୁମ ନିଷ୍ପତ୍ତିକୁ ସମ୍ମାନ ଦେଉଛି ।

× × ×

ଭଗବାନଙ୍କୁ ଯୁବକ: ହେ, ଭଗବାନ ଝିଅମାନେ ଏତେ ସୁଇଟ୍ ହୋଇଥାଆନ୍ତି ।

ହେଲେ ସ୍ତ୍ରୀ ହୋଇଗଲାପରେ ଏତେ ଖତରନାକ୍ କେମିତି ହୋଇଯାଆନ୍ତି ?

ଭଗବାନ: ଝିଅଙ୍କୁ ମୁଁ ତିଆରି କରିଛି । ତେଣୁ ସେମାନେ ସୁଇଟ୍ । ହେଲେ ସେମାନଙ୍କୁ ସ୍ତ୍ରୀ ତମେ କରିଥାଅ । ତେଣୁ ଏ ସମସ୍ୟା ତୁମର । ତୁମକୁ ସହିବାକୁ ହେବ ।



× × × ×

ଭିକାରୀ: ବାବୁ କାଲି ଭାଲେଣ୍ଟାଇନ୍ ଡେ' । ଦୟାକରି କୋଡିଏଟି ଟଙ୍କା ଦିଅନ୍ତୁ ଗର୍ଲଫ୍ରେଣ୍ଡ ପାଇଁ ଗିଫ୍ଟ ଆଣିବି ।

ରାମବାବୁ: ଆରେ ବାଃ, ଭିକାରୀ ହୋଇ ଗର୍ଲଫ୍ରେଣ୍ଡ ରଖିଛୁ ।

ଭିକାରୀ: ନାଇଁ ବାବୁ, ଗର୍ଲଫ୍ରେଣ୍ଡ ରଖି ଭିକାରୀ ହେଇଛି ।

× × × ×

ଶିକ୍ଷକ ଶ୍ରେଣୀରେ ପ୍ରଶ୍ନ ପଚାରିଲେ ।

ଶିକ୍ଷକ: ଡେଟ୍ ଆଉ ତାରିଖ ଭିତରେ କ'ଣ ପାର୍ଥକ୍ୟ ଅଛି ?

ଚିଣ୍ଟୁ: ସାର୍, ଡେଟ୍ ରେ ଗର୍ଲଫ୍ରେଣ୍ଡ ସହ ଯାଆନ୍ତି ଓ ତାରିଖରେ ଓକିଲ ସହ ।

× × × × × ×

ବୋହୂ : ମା କାଲି ତୁମ ପୁଅ ସହ ମୋ ଝଗଡା ହୋଇଗଲା ।

ଶାଶୁ: କିଛି କଥା ନାହିଁ, ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଏମିତି ହୁଏ ।

ବୋହୂ: ତାହା ତ ଠିକ୍ ଅଛି । ଏବେ କୁହନ୍ତୁ ଶବଦାହ କେଉଁଠି କରିବି ।

× × × × × ×

ବାପା: ନିଜ ଭବିଷ୍ୟତ ବିଷୟରେ କିଛି ଭାବିଲୁ କିରେ କୁଳାଙ୍ଗାର ।

ପୁଅ: ହଁ ଭାବିଚି ।

ବାପା: କ'ଣ ?

ପୁଅ: ଇଏ ଦେଖ ଆଜି ଦିଟା ବିଅର୍ ଆଣିଛି । ଗୋଟେ କାଲି ପିଇବି, ଆଉ ଗୋଟେ ତା' ପରଦିନ ପିଇବି ।

ବର୍ଷ ୨୬, ସଂଖ୍ୟା- ୧୧, ୧୩ - ୧୯ ମାର୍ଚ୍ଚ ୨୦୨୨

# ବିଜେପିର ପୁଣି ବାଜିମାତ୍

ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ଏପିପି ପଞ୍ଜାବ ଦଖଲ କରିଥିବା ବେଳେ ଉତ୍ତର ପ୍ରଦେଶରେ ପୁଣି ଚମକିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ୟୁପି ସମେତ ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ ଭାଜପା ପୁନର୍ବାର କ୍ଷମତାକୁ ଫେରିଛି । ଏହି ଜନାଦେଶ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ପାଇଁ ଅନୁକୂଳ ହେବ ବୋଲି ମନେ କରାଯାଉଛି । ଅନ୍ୟପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ପ୍ରଦର୍ଶନ ଗତ ନିର୍ବାଚନ ତୁଳନାରେ ଉନ୍ନତ ହୋଇଥିବା ବେଳେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି ପାଇଁ ଅସ୍ତିତ୍ୱ ସଙ୍କଟ ଦେଖା ଦେଇଛି । ରାଜ୍ୟରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଯାଦୁ ଆଦୌ କାମ କରିନାହିଁ ।

କୁହାଯାଏ, ଦିଲ୍ଲୀ କ୍ଷମତାର ରାସ୍ତା ୟୁପି ଦେଇ ଗତିଶୀଳ ହୋଇଥାଏ । ଲୋକ ସଭାକୁ ୮୦ ପ୍ରତିନିଧିଙ୍କୁ ପଠାଉଥିବାରୁ ଏହା ହେଉଛି ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ । ତେଣୁ ୭ ପର୍ଯ୍ୟାୟରେ ଅନୁଷ୍ଠିତ ୟୁପି ବିଧାନସଭା ନିର୍ବାଚନ ଫଳ ଉପରେ ସମସ୍ତଙ୍କ ନଜର ରହିଥିଲା । ନିର୍ବାଚନ କମିଶନଙ୍କ ତଥ୍ୟାନୁସାରେ ୟୁପିରେ ଭାଜପା ୨୫୬ ଆସନ ଦଖଲ କରିଛି । ଭାଜପା ଓ ସହଯୋଗୀ ଦଳଗୁଡିକୁ ୨୭୪ ଆସନରେ ସଫଳତା ମିଳିଛି, ଯାହାକି ୨୦୧୭ ତୁଳନାରେ ୪୮ କମ୍ । ତେବେ ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବେ ପୁନର୍ବାର ଉଭା ହୋଇ ଭାଜପା ୩ ଦଶନ୍ଧି ମଧ୍ୟରେ ଲଗାତର ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ସ୍ୱତଃ ଏକ ରେକର୍ଡ । ସମାଜବାଦୀ ପାର୍ଟି ଓ ସହଯୋଗୀଙ୍କୁ ଏଥର ପୂର୍ବାପେକ୍ଷା ୭୩ ଟି ଅଧିକ ଆସନରେ ସଫଳତା ମିଳିଛି । ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୨୦୨ ହୋଇଥିବା ବେଳେ ଅଖିଳେଶଙ୍କ ମେଣ୍ଟକୁ ୧୨୪ ଆସନ ମିଳିଛି । ସେଥିରୁ କେବଳ ଏସପିର ଆସନ ସଂଖ୍ୟା ହେଉଛି ୧୧୦ । ଅଖିଳେଶ ଯାଦବ ଏଥର ଜୟନ୍ତ ଚୌଧୁରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ ସହ ମିଶି କ୍ଷମତା ଦଖଲ ପାଇଁ ଅଣ୍ଟା ଭିଡିଥିଲେ । ମାୟାବତୀଙ୍କ ବିଏସପି ୧ ଆସନରେ ସନ୍ତୁଷ୍ଟ ରହିଛି । ହାଇଦ୍ରାବାଦ ଏମ୍.ପି. ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମଆଇଏମକୁ ରାଜ୍ୟର ମୁସଲିମ୍ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି । ଏଆଇଏମଆଇଏମକୁ ମାତ୍ର ୦.୪% ଭୋଟ ମିଳିଛି । ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ନେତା ରାହୁଲ ଗାନ୍ଧୀଙ୍କ ପାଇଁ ୟୁପି ଜନାଦେଶ ଏକ ସ୍ୱପ୍ନଭଙ୍ଗ ସାବ୍ୟସ୍ତ ହୋଇଛି । ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ୨୦୩ ସଭାକୁ ସମ୍ବୋଧିତ କରିଥିବା ବେଳେ ପ୍ରିୟଙ୍କା ଗତଥର ୭ ଆସନରେ ଜିତିଥିବା ବେଳେ ଏଥର ମାତ୍ର ୨ ଆସନରେ ସୀମିତ ହୋଇ ଯାଇଥିବାରୁ ଭଉଣୀଭାଇଙ୍କ ବ୍ରାଣ୍ଡ ଭାଲ୍ୟୁ ତଳକୁ ଖସିଛି । ଏହି ଫଳାଫଳ ପରେ ଜାତୀୟ ରାଜନୀତିରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଛବି ମଜଭୁତ ହୋଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ସିରାଥୁ ଆସନରେ ଏସପିର ପଲ୍ଲବୀ ପଟେଲ (କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ଭଉଣୀ)ଙ୍କ ଠାରୁ ୭,୩୩୭ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି ।

ଉତ୍ତରାଖଣ୍ଡରେ ପ୍ରତିଥର ସରକାର ବଦଳିଥାଏ । ଭାଜପା ଓ କଂଗ୍ରେସ ପାଳି କରି ରାଜ୍ୟ ଶାସନ କରିଥାଆନ୍ତି । କିନ୍ତୁ ତିନି ତିନି ଥର ମୁଖ୍ୟମନ୍ତ୍ରୀ ବଦଳାଇବା ସତ୍ତ୍ୱେ ଭାଜପା ପୁନର୍ବାର କ୍ଷମତା ଦଖଲ କରିଛି । ୭୦ ଆସନ ମଧ୍ୟରୁ ଭାଜପାକୁ ୪୭ ଆସନରେ ସଫଳତା ମିଳିଛି । ତେବେ ଏହି ଆସନ ସଂଖ୍ୟା ପୂର୍ବାପେକ୍ଷା ୧୦ କମ୍ । କଂଗ୍ରେସ ଅଧିକ ୬ଟି ଆସନରେ ବିଜୟୀ ହୋଇଥିଲେ ହେଁ ୧୯ରେ ସୀମିତ ରହିଛି । ଏଠାରେ ବିଏସପି ୨ଟି ଆସନ ପାଇଛି । ନୂଆକରି ଭାଗ୍ୟ ପରୀକ୍ଷା ଲାଗି ମଇଦାନକୁ ଓହ୍ଲାଇଥିବା ଏଏପି ଖାତା ଖୋଲିପାରି ନାହିଁ । ଉତ୍ତରାଖଣ୍ଡରେ ଭାଜପାକୁ ସ୍ପଷ୍ଟ ବହୁମତ ମିଳିଥିଲେ ହେଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ପରାଜିତ ହୋଇଛନ୍ତି । ସେହିପରି କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ ଏବଂ ଏଏପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଜୟ କୋଠିୟାଲ ମଧ୍ୟ ହାରି ଯାଇଛନ୍ତି ।

ମଣିପୁର ଭୋଟର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ ସିଂଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଛନ୍ତି । ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ବିଧାନସଭାର ୩୨ ଆସନ ଦଖଲ କରିବାରେ ଭାଜପା ସକ୍ଷମ ହୋଇଛି । କନରାଡ୍ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟିକୁ ୭, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳକୁ ୬ ଆସନରେ ସଫଳତା ମିଳିଛି । କଂଗ୍ରେସ ୨୩ ଆସନ ହାତଛଡ଼ା କରି ୫ ରେ ସୀମିତ ରହିଛି । ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୧୦ ଆସନରେ ବିଜୟୀ ହୋଇଛନ୍ତି । ସେହିପରି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉପକୂଳ ରାଜ୍ୟରେ ନିଜ ସ୍ଥିତି ବଜାୟ ରଖିଛନ୍ତି । ଏଠାରେ ଭାଜପାକୁ ପୂର୍ବାପେକ୍ଷା ୭ ଆସନ ଅଧିକ ମିଳିଛି । ସରକାର ଗଠନ ପାଇଁ ୨୧ ମ୍ୟାଜିକ୍ ନମ୍ବର ହୋଇଥିବା ବେଳେ ଗୈରିକ ଦଳ ୨୦ ଆସନରେ ଜିତିଛି । କଂଗ୍ରେସ ୧୧ ଆସନରେ ବିଜୟୀ ହୋଇଛି, ଯାହାକି ଗତ ନିର୍ବାଚନ ତୁଳନାରେ ୯ କିମ୍ବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଏଏପି ମଧ୍ୟ ଗୋଆ ମଇଦାନକୁ ଓହ୍ଲାଇଥିଲେ । ଏଏପିକୁ ୨ ଆସନ ମିଳିଛି ଏବଂ ଟିଏମସି ଖାତା ଖୋଲିପାରି ନାହିଁ । ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟିକୁ ୨ ଏବଂ ରିଭୋଲ୍ୟୁଶନାରି ଗୋଆନ୍ ପାର୍ଟିକୁ ଗୋଟିଏ ଆସନରେ ଜିତାଇଛନ୍ତି ଭୋଟର । ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମନୋଜର ପାରିକରଙ୍କ ପୁଅ ଉତ୍ପଳ ପାରିକରଙ୍କୁ ଭାଜପା ଟିକେଟ ନ ମିଳିବାରୁ ସେ ବାପାଙ୍କ ପଣଜୀ ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିଲେ । ଉତ୍ପଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଆଟାନାସିଓ ମୋନସେରେଟ୍ (ବାବୁଶ୍)ଙ୍କ ଠାରୁ ମାତ୍ର ୭୧୬ ଖଣ୍ଡଭୋଟରେ ପରାଜିତ ହୋଇଛନ୍ତି ।

# ବ୍ୟବହାରରେ ସମାନତା

## ମହାତ୍ମା ଗାନ୍ଧୀ



ମୋ'ର ମୂଳ ଲକ୍ଷ୍ୟ ହେଉଛି ସମଗ୍ର ମାନବଜାତି ଲାଗି ବ୍ୟବହାରଗତ ସମାନତା ଏବଂ ସେହି ବ୍ୟବହାରଗତ ସମାନତାର ଅର୍ଥ ହେଉଛି ସେବାର ସମାନତା ।

କାରଣ, ମନୁଷ୍ୟମାନେ ସମସ୍ତେ ଏକା ବୟସର, ଏକା ଉଚ୍ଚତାର, ଏକା ଚମଡ଼ା ଓ ଏକା ବୁଦ୍ଧିମତ୍ତାର ହୋଇ ନଥିଲେ ହେଁ ଏହି ଅସମାନତା ଗୁଡ଼ିକ ହେଉଛି ସାମୟିକ ଓ କେବଳ ଉପରି ଭାଗର ଏହି ଜଡ଼ ଆବରଣ ତଳେ ଯେଉଁ ଆତ୍ମା ଲୁକ୍କାୟିତ ହୋଇ ରହିଛି, ସବୁ ପୁରୁଷ ଏବଂ ସବୁ ନାରୀଙ୍କ କ୍ଷେତ୍ରରେ ଏବଂ ସବୁ ଜଳବାୟୁରେ ସେହି ଆତ୍ମା ହେଉଛି କେବଳ ଗୋଟିଏ । ଆମ ଚତୁର୍ଦ୍ଦିଗରେ ଆମେ ଯେତେ ଯାହା ଭିନ୍ନତା ଓ ବୈଚିତ୍ର ଦେଖିବାକୁ ପାଇଥାଉଁ, ତା'ମଧ୍ୟରେ ଏକ ପ୍ରକୃତ ଓ ଅସଲ ଏକତା ସର୍ବଦା ବିଦ୍ୟମାନ ରହିଛି ।

'ଅସମାନତା' ଶବ୍ଦଟି ମଧ୍ୟରେ ସତେଯେପରି ଏକ ଖରାପ ଗନ୍ଧ ନିର୍ମିତ ହୋଇ ରହିଛି ଏବଂ ଉଭୟ ପ୍ରାଚ୍ୟ ତଥା ପାଶ୍ଚାତ୍ୟରେ ସେଥିରୁ ଔଦ୍ଧତ୍ୟ ଏବଂ ନାନା ଆମାନୁଷିକତାର ଉଦ୍‌ଭବ ହୋଇଛି । ମନୁଷ୍ୟ ବିଷୟରେ ଯାହା ସତ୍ୟ, ଜାତିଗୁଡ଼ିକ ବିଷୟରେ ମଧ୍ୟ ତାହାହିଁ ସତ୍ୟ; କାରଣ ଜାତି କହିଲେ ତ ମନୁଷ୍ୟମାନଙ୍କର ଗୋଷ୍ଠୀଗୁଡ଼ିକୁ ହିଁ ବୁଝାଏ । ଅସମାନତାର ଏହି ମିଛ ଏବଂ ଅନମନୀୟ ନୀତିଦ୍ୱାରା ପ୍ରେରିତ ହୋଇ ହିଁ ଏସିଆ ଆଫ୍ରିକାର ଜାତିମାନଙ୍କୁ ଅତ୍ୟନ୍ତ ନିଷ୍ଠୁରଭାବରେ ଶୋଷଣ କରାଯାଇଛି । ପ୍ରାଚ୍ୟକୁ ଶୋଷଣ କରିବାରେ ପାଶ୍ଚାତ୍ୟର ଏହି ସାମ୍ପ୍ରତିକ ସାମର୍ଥ୍ୟ ଯେ ପାଶ୍ଚାତ୍ୟ ଉଚ୍ଚତର ଏବଂ ପ୍ରାଚ୍ୟ ନିମ୍ନତରତାର ଏକ ସୂଚନା ପ୍ରଦାନ କରୁଛ, ସେକଥା କାହାକୁ ଜଣା ଅଛି ।

ବାହାରର ଆକାରମାନେ ଅନେକ, ମାତ୍ର ପ୍ରେରଣା ଦାନ କରୁଥିବା ଆତ୍ମା ହେଉଛି ଏକ । ବାହ୍ୟ ଯାବତୀୟ ବୈଚିତ୍ରର ପଶ୍ଚାତରେ ଯେଉଁଠି ଏହି ସର୍ବାନ୍ତର୍ଗତକାରୀ ମୂଳଭୂତ ଏକତା ବିଦ୍ୟମାନ ରହିଛି, ସେଠାରେ ଉଚ୍ଚ ଓ ନୀଚର ଭେଦଭାବ ନିମନ୍ତେ ଆଉ ଅବକାଶ କିପରି ରହିବ ? କାରଣ, ଦୈନନ୍ଦିନ ଜୀବନର ପ୍ରତ୍ୟେକ ପଦରେ ତୁମକୁ ସେହି ସତ୍ୟଟିର ହିଁ ସମ୍ମୁଖୀନ ହେବାକୁ ପଡ଼ିବ । ମୂଳରେ ରହିଥିବା ଏହି ଏକତାର ଉପଲବ୍ଧି ହେଉଛି ସବୁ ଧର୍ମର ଚରମ ଲକ୍ଷ୍ୟ । ମୁଁ ପ୍ରେମରୂପୀ ବିଧାନର ସାର୍ବଭୌମ ଶାସନରେ ବିଶ୍ୱାସ କରେ । ସେହି ବିଧାନ କଦାପି କୌଣସି ଯାତ୍ରାନ୍ତର ବିଚାର କରେନାହିଁ ।

ମୁଁ କେବେ ହେଲେ ଆତ୍ମୀୟସ୍ୱଜନ ଓ ଅବଶିଷ୍ଟ ଜନ, ସ୍ୱଦେଶବାସୀ ଓ ବିଦେଶୀ, ଶ୍ୱେତ ଓ ଅଶ୍ୱେତ, ହିନ୍ଦୁ ଓ ମୁସଲମାନ, ପାର୍ସୀ, ଖ୍ରୀଷ୍ଟିଆନ୍ ବା ଇହୁଦୀ କୌଣସି ଅନ୍ୟ ଧର୍ମର ଭାରତୀୟଙ୍କ ମଧ୍ୟରେ ଆଦୌ କୌଣସି ଭେଦ ଦେଖୁନାହିଁ । ମୁଁ ହୁଏତ ଏପରି କହିପାରିବି ଯେ, ମୋ'ର ହୃଦୟ ଏପରି କୌଣସି ପ୍ରଭେଦ ଦେଖିବାକୁ କେବେ ସମର୍ଥ ହିଁ ହୋଇନାହିଁ । ଏହାକୁ ମୁଁ ନିଜର ଗୋଟିଏ ବିଶେଷ ଗୁଣ ବୋଲି ଆଦୌ ଦାବି କରୁନାହିଁ; କାରଣ, ମୋ'ର କୌଣସି ବିଶେଷ ଚେଷ୍ଟାବଳରେ ଯେ ମୁଁ ଏହି ଗୁଣଟିକୁ ଅର୍ଜନ କରିଛି ତା'ନୁହେଁ, ତାହା ମୋ'ର ସ୍ୱଭାବ ଭିତରେ ହିଁ ରହିଛି । ମାତ୍ର, ଅହିଂସା, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ ଓ ଅନ୍ୟାନ୍ୟ ମୁଖ୍ୟ ଗୁଣଗୁଡ଼ିକ କ୍ଷେତ୍ରରେ, ସେଗୁଡ଼ିକର ଅନୁଶୀଳନ ଲାଗି ମୋତେ ସଚେତନଭାବରେ ଅବିରାମ ଚେଷ୍ଟା କରିବାକୁ ହୋଇଛି ।

ଆମକୁ ଆମ ପ୍ରେମର ବୃତ୍ତଟିକୁ କ୍ରମଶଃ ପ୍ରଶସ୍ତ କରିଦେବାକୁ ପଡ଼ିବ, ଯେପରିକି ତାହା ପରିଶେଷରେ ସମସ୍ତ ଗ୍ରାମକୁ ସ୍ପର୍ଶ କରିବ ; ଗ୍ରାମ ସେହିପରି ପ୍ରଶସ୍ତ ହୋଇ ଜିଲ୍ଲାକୁ ମଧ୍ୟ ଅନ୍ତର୍ଗତ କରିନେବ, ଜିଲ୍ଲା ପ୍ରଦେଶକୁ ସ୍ପର୍ଶ କରିବ ଏବଂ ଏହିପରିଭାବରେ ଆମ ଭଲ ପାଇବାର ପରିସରଟି ପୃଥିବୀ ସହିତ ସମବ୍ୟାପ୍ତତା ଲାଭ କରିପାରିବ ।

ଆମେ ଏପରି ଗୋଟିଏ ସମୟରେ ବାସ କରୁଛୁ, ଯେତେବେଳେ କି ମୂଲ୍ୟମାନେ ଅତ୍ୟନ୍ତ ଶୀଘ୍ର ବଦଳିଯିବାରେ ଲାଗିଛନ୍ତି । ଆମକୁ କୌଣସି ମନ୍ଥର ପରିଣାମ ଆଦୌ ସନ୍ତୋଷ ଦେଇ ପାରୁନାହିଁ । ଆମେ ଆଉ କେବଳ ଆମ ନିଜ ଜାତିର ମନୁଷ୍ୟମାନଙ୍କ ସୁଖରେ ସନ୍ତୁଷ୍ଟ ରହି ଯାଉନାହୁଁ, ଏପରିକି କେବଳ ଆମ ନିଜ ଦେଶର ସୁଖରେ ମଧ୍ୟ ନୁହେଁ । ଆମେ ସମଗ୍ର ମାନବଜାତି ପାଇଁ ଅନୁଭବ କରୁଛୁ ବା ଅନୁଭବ କରିବାକୁ ଇଚ୍ଛା କରୁଛୁ । ଆପଣାର ଲକ୍ଷ୍ୟ ଉଦ୍ଦେଶ୍ୟରେ ମନୁଷ୍ୟଜାତିର ଅନ୍ୱେଷଣଯାତ୍ରାରେ ଏହାକୁ ଏକ ଅଦ୍ଭୁତ ଲାଭ ବୋଲି କୁହାଯିବ ।

ତୁମକୁ ମୋ'ର ନିବେଦନ, ତୁମେ ନିଜର ହୃଦୟଗୁଡ଼ିକୁ ସ୍ୱଚ୍ଛ କର ଏବଂ ଉଦାର ହୁଅ । ନିଜର ହୃଦୟକୁ ମହାସାଗର ପରି ପ୍ରଶସ୍ତ କର । କାହା ଉପରେ ବିଚାର କରିବ ନାହିଁ, କାରଣ, ସିଏ ମଧ୍ୟ ତୁମକୁ ନେଇ ବିଚାର କରି ବସିପାରିବ । ସର୍ବୋଚ୍ଚ ପରମ ବିଚାରପତି, ଯିଏ ସେଠାରେ ବସିଛନ୍ତି, ସେ ଇଚ୍ଛାକଲେ ତୁମକୁ ଫାଶୀରେ ଲଟକାଇ ଦେଇପାରିବେ, ମାତ୍ର ସେ ତୁମକୁ ତଥାପି ଛାଡ଼ି ଦେଇଛନ୍ତି । ତୁମ ନିଜ ଭିତରେ ଓ ଚାରିପାଖରେ ଏତେ ଏତେ ଶବ୍ଦ ରହିଛନ୍ତି ; ମାତ୍ର ସେଇ ତୁମକୁ ରକ୍ଷା କରୁଛନ୍ତି ଓ ସଦୟ ନେତ୍ରରେ ତୁମକୁ ଅନାଇ ରହିଛନ୍ତି ।

# ଲଖନପୁର ୩ନଂ ଜୋନ ପାଇଁ ଆମ୍ବୁଲାନ୍ସ ପ୍ରଦାନ

ଝାରସୁଗୁଡ଼ା : ଲଖନପୁର ବ୍ଲକ ୩ନଂ ଜୋନବାସୀଙ୍କ ପାଇଁ ନରସିଂହ ବିଷ୍ଣୁପ୍ରିୟା ଟ୍ରଷ୍ଟ ତରଫରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ଏହାକୁ ଟ୍ରଷ୍ଟି ଦୀପାଳି ଦାସ ଲୋକାର୍ପିତ କରିଛନ୍ତି । ଏହି ଅବସରରେ ଖଡ଼ାମ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଟ୍ରଷ୍ଟି ଦାସ, ନବନିର୍ବାଚିତ ଜିଲ୍ଲା ପରିଷଦ ପୁଷ୍ପଲତା ସେଠ୍, ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।



# ସୁସ୍ଥ ରଖେ ସକାରାତ୍ମକ ଭାବପ୍ରବଣତା



ଦୈନନ୍ଦିନ ଜୀବନରେ ଯେଉଁ ଲୋକଙ୍କ ମନରେ ସକାରାତ୍ମକ ଭାବପ୍ରବଣତା ସୃଷ୍ଟି ହୁଏ ସେମାନଙ୍କର ଦୁରାରୋଗ୍ୟ ବ୍ୟାଧି ଏବଂ ଅକାଳ ମୃତ୍ୟୁ ଆଶଙ୍କା କମ୍ ବୋଲି ଏକ ଅଧ୍ୟୟନରେ କୁହାଯାଇଛି । ମନର ଉତ୍ସାହ, ଆନନ୍ଦ ଏବଂ ଶାନ୍ତି ସୁସ୍ଥ ରହିବାର କାରଣ ବୋଲି ଗବେଷକମାନେ ବର୍ଣ୍ଣନା କରିଛନ୍ତି । ଆମେରିକାସ୍ଥିତ କର୍ନେଲ ୟୁନିଭର୍ସିଟି ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, ଯେଉଁ ଲୋକମାନେ ଅନେକ ପ୍ରକାର ଖୁସି ଅନୁଭବ କରନ୍ତି ସେମାନେ ନକାରାତ୍ମକ ଭାବପ୍ରବଣ ବ୍ୟକ୍ତିଙ୍କ ତୁଳନାରେ କମ୍ ରୋଗରେ ପଡନ୍ତି । କମ୍ ଖୁସି ଅନୁଭବ କରୁଥିବା ଲୋକଙ୍କ ଦେହର କୋଷିକା କ୍ଷତିଗ୍ରସ୍ତ ହେବା ସହିତ , ଶାରିରୀକ ପ୍ରଦାହ, ଦେହରେ କୌଣସି ଅଂଶ ଫୁଲା ବା ଲାଲ୍ ପଡିଯିବା ଆଦି ଲକ୍ଷଣ ପ୍ରକାଶ ପାଏ । ଏଭଳି ଲକ୍ଷଣକୁ ଇନଫ୍ଲାମେଶନ୍ କୁହାଯାଏ । କର୍ନେଲ ୟୁନିଭର୍ସିଟି ପ୍ରଫେସର ଆନ୍ଥୋନି ଓଙ୍ଗ୍ କହନ୍ତି, ବିଭିନ୍ନ ପ୍ରକାର ଖୁସି ଅନୁଭବ କରିହୁଏ । ବିଭିନ୍ନ ସକାରାତ୍ମକ ଭାବପ୍ରବଣତା ଦ୍ୱାରା ଖୁସିକୁ ଆୟତ୍ତ କରିହୁଏ । ଓଙ୍ଗ୍ ଏବଂ ତାଙ୍କର ସାଥୀମାନେ ବିଭିନ୍ନ ଭାବପ୍ରବଣତା ସହିତ ଶରୀରର ଉପରି ଭାଗରେ ଦେଖାଯାଉଥିବା କେତେକ ରୋଗର ଲକ୍ଷଣ ସମ୍ପର୍କରେ ବିଶ୍ଳେଷଣ କରିଥିଲେ । ସେମାନେ ୪୦ ରୁ ୬୫ ବର୍ଷ ବୟସ୍କ ୧୭୫ ଜଣ ଲୋକଙ୍କ ଠାରୁ ତଥ୍ୟସଂଗ୍ରହ କରିଥିଲେ । ଲୋକମାନେ ସେମାନଙ୍କ ସକାରାତ୍ମକ ଏବଂ ନକାରାତ୍ମକ ଭାବପ୍ରବଣତା ବିଷୟରେ ସନ୍ଧ୍ୟା ସମୟରେ ପ୍ରକାଶ କରୁଥିଲେ । ପ୍ରତି ସନ୍ଧ୍ୟାରେ ଗବେଷକମାନେ ଲୋକମାନଙ୍କ ଖୁସିକୁ ରେଟିଂ କରୁଥିଲେ । ଲୋକମାନଙ୍କ ଉତ୍ସାହ, ଆମୋଦ, ପ୍ରେରଣା, ଜାଗରଣ, ସକ୍ରିୟତା ଏବଂ ଦୃଢ଼ତା ଭଳି ୧୬ଟି ନକାରାତ୍ମକ ଭାବପ୍ରବଣତା ବିଚାରକୁ ନିଆଯାଇଥିଲା । ୬ ମାସ ପରେ ଅଂଶ ଗ୍ରହଣକାରୀଙ୍କ ରକ୍ତ ପରୀକ୍ଷା କରାଯାଇଏଥିରେ ଇନଫ୍ଲାମେଶନର ୩ଟି ଲକ୍ଷଣ ଅଛି କି ନାହିଁ ପରୀକ୍ଷା କରାଯାଇଥିଲା । ଯେଉଁ ଲୋକମାନେ ଅଧିକ ସକାରାତ୍ମକ ଭାବପ୍ରବଣତା ଅନୁଭବ କରିଥିବାର ପ୍ରକାଶ କରିଥିଲେ ସେମାନଙ୍କଠାରେ ଇନଫ୍ଲାମେଶନ ମାତ୍ର କମ୍ ଥିବା ବେଳେ ଯେଉଁମାନେ ଅଧିକ ନକାରାତ୍ମକ ଭାବପ୍ରବଣତା ଅନୁଭବ କରିଥିବା ପ୍ରକାଶ କରିଥିଲେ ସେମାନଙ୍କ ଠାରେ ଇନଫ୍ଲାମେଶନ ମାତ୍ରା ବେଶି ଥିବା ଜଣାପଡିଥିଲା । ଭାବପ୍ରବଣତା ମଣିଷର ଦୈନନ୍ଦିନ ଜୀବନରେ ସହାୟକ ହୁଏ । କୌଣସି ପ୍ରକାର ଭାବପ୍ରବଣତା ଦୁଃଖଦ ପରିସ୍ଥିତିରେ ମନେପଡିଗଲେ ସେ ଦୁଃଖୀ ଏତେଟା ବାଧେ ନାହିଁ ବୋଲି ଏହି ଅଧ୍ୟୟନର ପ୍ରମୁଖ ଲେଖକ ଓଙ୍ଗ୍ ପ୍ରକାଶ କରିଛନ୍ତି । ବିଶେଷକରି ଅଧିକ ସକାରାତ୍ମକ ଭାବପ୍ରବଣ ବ୍ୟକ୍ତିମାନେ ମାନସିକ ଶାନ୍ତିଲାଭ କରିବା ସହିତ ଶରୀରକୁ ରୋଗଠାରୁ ଦୂରେଇ ରଖି ପାରିଥାନ୍ତି ।

# ମାଇଗ୍ରେନରୁ ଆରୋଗ୍ୟ କରେ ଅଦା



ମାଇଗ୍ରେନ ବା ଅଧକପାଳିର ଯନ୍ତ୍ରଣା ଅସହ୍ୟ । ବିଶେଷକରି ସକାଳୁ ସକାଳୁ ଏହି ଯନ୍ତ୍ରଣାକୁ ସହ୍ୟ କରିବା ଭୀଷଣ କଷ୍ଟକର । ମାଇଗ୍ରେନ୍ ଯୋଗୁଁ ବାନ୍ତି ଓ ଅଣନିଃଶ୍ୱାସୀ ହେଲା ଭଳି ସମସ୍ୟା ମଧ ଉତ୍ପନ୍ନ ହୁଏ । ସାଧାରଣତଃ ବିଶୃଙ୍ଖଳିତ ଜୀବନଶୈଳୀ ଓ ଖାଦ୍ୟପେୟରେ ଅପପୁଷ୍ଟି ଯୋଗୁଁ ମୁଣ୍ଡବିନ୍ଧା ସମସ୍ୟା ଦେଖା ଦେଇଥାଏ । ଏହାଛଡ଼ା ଅବସାଦ ଯୋଗୁଁ ମଧ ମୁଣ୍ଡବିନ୍ଧା ଅଧିକ ଦିନ ରହି ମାଇଗ୍ରେନର ରୂପ ନିଏ । ମାଇଗ୍ରେନ୍ ଯନ୍ତ୍ରଣା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ । ଅଦା ଚା' ପ୍ରାକୃତିକ ଉପାୟରେ ମାଇଗ୍ରେନ୍ ଦୂର କରିବାରେ ସହାୟକ ହୋଇଥାଏ । ପ୍ରଥମେ ଜଣାଯାଉଥିଲା ଯେ, ମାଇଗ୍ରେନ୍ ମସ୍ତିଷ୍କର ରକ୍ତ ନଳି ସଙ୍କୁଚିତ ହେବା କାରଣରୁ ହୋଇଥାଏ । କିନ୍ତୁ ଅନେକ ଗବେଷଣା ପରେ ଜଣାପଡିଛି ମାଇଗ୍ରେନ୍ ମୁଖ୍ୟ ତନ୍ତ୍ରିକାରେ ଗଡ଼ବଡ଼ ହେବା କାରଣରୁ ହୋଇଥାଏ । ଯଦ୍ଦ୍ୱାରା ନ୍ୟୁରୋଟ୍ରାନ୍ସମିଟର୍ସର ସଞ୍ଚାଳନ ପ୍ରଭାବିତ ହୁଏ । ବିଶେଷ କରି ସେରୋଟୋନିନ୍ ହର୍ମୋନ୍ ଅସନ୍ତୁଳିତ ହୋଇ ଏହା ମାଇଗ୍ରେନରେ ପରିଣତ ହୁଏ । ମାଇଗ୍ରେନ୍ ଯନ୍ତ୍ରଣାର ଉପଶମ ପାଇଁ ଅଦା ଚା' ସେବନ ବେଶ୍ ଉପଯୋଗୀ । ଅଦା ଏକ ପ୍ରାକୃତିକ ମହୌଷଧି । ଅଦାରେ ଆଣ୍ଟି ଇନଫ୍ଲାମେଟୋରୀ ତତ୍ତ୍ୱ ଥାଏ । ଯାହା କୌଣସି ପ୍ରକାରର ଯନ୍ତ୍ରଣାକୁ ସହଜରେ କାବୁ କରିଥାଏ । ଏହାଛଡ଼ା ଅଦାରେ ଏଭଳି କିଛି ତତ୍ତ୍ୱ ରହିଛି ଯାହା ପାଚନ କ୍ରିୟାକୁ ସକ୍ରିୟ କରି ରଖିଥାଏ । ମାଇଗ୍ରେନ୍ କାରଣରୁ ହେଉଥିବା କ୍ଲାନ୍ତି ଓ ବାନ୍ତିକୁ ମଧ ଏହା ଭଲକରେ ।

# ଓଜନ କମାଏ ସକାଳର ପେଟପୁରା ଜଳଖିଆ



ଯେଉଁ ଲୋକମାନେ ସକାଳୁ ପେଟପୁରା ଜଳଖିଆ ଖାଇ କାର୍ଯ୍ୟ ଆରମ୍ଭ କରନ୍ତି ସେମାନଙ୍କ ଓଜନ କମିବା ସମ୍ଭାବନା ଅଧିକ । ବୈଜ୍ଞାନିକଙ୍କ କହିବାନୁଯାୟୀ, ଜଣେ ବୟସ୍କ ବ୍ୟକ୍ତି ସନ୍ତୋଷଜନକ ଜଳଖିଆ ଖାଇବା ସହିତ ହାଲୁକା ରାତ୍ରିଭୋଜନ ଖାଇବାଉଚିତ । ୫୦,୦୦୦ ଲୋକଙ୍କ ଉପରେ ଏକ ଅଧ୍ୟୟନ କରି ଜଣାଯାଇଛି ଯେ, ଯେଉଁ ବ୍ୟକ୍ତିମାନେ ଦିନବେଳା ଜଳଖିଆକୁ ମୁଖ୍ୟ ଆହାର କରିଥାଆନ୍ତି ସେମାନଙ୍କର ବଡି ମାସ୍ ଇଣ୍ଡେକ୍ସ ବିଳମ୍ବରେ ଜଳଖିଆ ଖାଉଥିବା ଲୋକଙ୍କ ଅପେକ୍ଷା ଅପେକ୍ଷାକୃତ କମ୍ । ଆମେରିକାସ୍ଥିତ ଲୋମା ଲିଣ୍ଡା ୟୁନିଭର୍ସିଟି ସ୍କୁଲ ଅଫ୍ ପବ୍ଲିକ୍ ହେଲ୍ଥର ଗବେଷକମାନେ ପୁଣି ଜାଣିବାକୁ ପାଇଛନ୍ତି ଯେ, ଦିନର ମୁଖ୍ୟଭୋଜନ ଏବଂ ଜଳଖିଆ ଖାଇବା ମଧ୍ୟରେ ଅଧିକ ସମୟର ବ୍ୟବଧାନ ରହିଲେ ଏହା ବିଏମଆଇକୁ ହ୍ରାସ କରାଇଥାଏ । ଅଧିକ ଜଳଖିଆ ଖାଇବା ଦ୍ୱାରା ବିଶେଷକରି ମିଠା ଏବଂ ସ୍ନେହସାର ଜାତୀୟ ଖାଦ୍ୟ ପ୍ରତି ଲୋଭହ୍ରାସ ପାଇଥାଏ । ଏହା ଓଜନ ବୃଦ୍ଧି କରାଇ ଦେଇ ନ ଥାଏ ବୋଲି ନ୍ୟୁଟ୍ରିଶନ ଜର୍ନାଲରେ ପ୍ରକାଶିତ ଅଧ୍ୟୟନର ପ୍ରମୁଖ ଲେଖକ ହାନା କାଲେଓଭା ପ୍ରକାଶ କରିଛନ୍ତି ।

ନିୟମିତ ସକାଳେ ଜଳଖିଆ ଖାଇବା ଦ୍ୱାରା ସନ୍ତୋଷ ବୃଦ୍ଧି ପାଇବା ସହିତ ରକ୍ତରେ ଲିପିଡ ହ୍ରାସ ପାଇଥାଏ । ଇନସୁଲିନ୍ ସମ୍ବେଦନଶୀଳତା ଏବଂ ରକ୍ତରେ ଶର୍କରା ସହନଶୀଳତା ବୃଦ୍ଧି ପାଇଥାଏ ବୋଲି କାଲିଓଭା ପ୍ରକାଶ କରିଛନ୍ତି । ଅପରପକ୍ଷରେ ସନ୍ଧ୍ୟା ସମୟରେ ମୁଖ୍ୟ ଭୋଜନ ଖାଇଲେ ଶରୀରର ବିଏମଆଇ ଏବଂ ଓଜନ ବୃଦ୍ଧି ପାଇଥାଏ । ଏହା ମୋଟା ଶରୀର ପ୍ରତି ପ୍ରତିକୂଳ ପ୍ରଭାବ ପକାଇଥାଏ । ତେଣୁ ଜଣେ ମୋଟା ଲୋକ ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନ ଖାଇବା ସହିତ ରାତ୍ରିଭୋଜନ ଏବଂ ସ୍ନାକ୍ସ ଏଡାଇବା ଉଚିତ । ସକାଳ ଜଳଖିଆ ଦିନର ମୁଖ୍ୟ ଆହାର ହେବା ସହିତ ରାତିବେଳା ପାଖାପାଖି ୮ ଘଣ୍ଟା ପେଟ ଖାଲି ରହିବା ଆବଶ୍ୟକ ।

# ପେଟ କମାଇବାକୁ ହେଲେ



ଗହମ ଅଟାରେ ପ୍ରସ୍ତୁତ ରୁଟି ଖାଇବା କମ୍ କରି ଏହା ବଦଳରେ ଚଣା ଏବଂ ଯଅରେ ପ୍ରସ୍ତୁତ ରୁଟି ଖାଆନ୍ତୁ । କାରଣ ଏଥିରେ କ୍ୟାଲୋରି ଏବଂ କାର୍ବୋହାଇଡ୍ରେଟ୍ ମାତ୍ରା ବହୁତ କମ୍ ଥାଏ ।

ପଇଡ଼ ପାଣିରେ ଇଲେକ୍ଟ୍ରୋଲାଇଟସ୍ ଭରପୁର ମାତ୍ରା ଥାଏ । ଏହା ମେଦ ଏବଂ ପେଟରୁ ଚର୍ବି କମାଇବାରେ ସହାୟକ ହୋଇଥାଏ ।

ପ୍ରତିଦିନ ୪/୫ ଟି ପେସ୍ତା ବାଦାମ ଖାଆନ୍ତୁ । ଏଥିରେ ଥିବା ଭିଟାମିନ୍ ଇ, ପଲିସାଚୁରେଟେଡ୍ ଏବଂ ମନୋସାଚୁରେଟେଡ୍ ଫ୍ୟାଟ୍ କମ୍ କରାଏ ।

ସକାଳ ସମୟରେ ପ୍ରୋଟିନଯୁକ୍ତ ବ୍ରେକଫାଷ୍ଟ ନିଅନ୍ତୁ । ଏଥିରେ ଆପଣ ଅଣ୍ଡା, କ୍ଷୀର ଏବଂ କଦଳୀ ଆଦି ସାମିଲ କରି ପାରିବେ । ଏହାକୁ ଖାଇଲେ ବାରମ୍ବାର ଭୋକ ହୁଏ ନାହିଁ ।

ଦିନକୁ ଅତିକମରେ ୩/୪ ଗ୍ଲାସ ଉଷୁମ ପାଣି ପିଅନ୍ତୁ । ଏହା ଖୁବଶୀଘ୍ର ପେଟକୁ ଚର୍ବି କମାଇଥାଏ ।

ପ୍ରତିଦିନ ଖାଦ୍ୟ ତାଲିକାରେ ଦହିକୁ ସାମିଲ କରନ୍ତୁ । ଏଥିରେ ଥିବା କ୍ୟାଲସିୟମ୍ ପେଟରୁ ଚର୍ବି କମ୍ କରିଥାଏ ।

ପ୍ରତିଦିନ ଏକ ଗ୍ଲାସ୍ ଉଷୁମ ପାଣିରେ ଏକ ଚାମଚ ମହୁ ମିଶାଇ ପିଅନ୍ତୁ ।

ଖାଇବା ସମୟରେ ପାଣି ପିଅନ୍ତୁ ନାହିଁ । ଏପରି କରିବା ଦ୍ୱାରା ଖାଦ୍ୟ ଠିକ୍ ଭାବେ ହଜମ ହୋଇ ନ ଥାଏ ଏବଂ ମେଦବହୁଳତା ହେବାର ଆଶଙ୍କା ଥାଏ । ଖାଇବାର ଅଧଘଣ୍ଟା ପରେ ପାଣି ପିଅନ୍ତୁ । ପ୍ରତିଦିନ ୨/୩ କିଲୋମିଟର ଚାଲନ୍ତୁ । ଶରୀରରୁ କ୍ୟାଲୋରି କମ୍ କରିବାରେ ଏହା ବେଶ୍ ଉପକାରୀ ହୋଇଥାଏ ।

# ଦୀର୍ଘ ସମୟ କାମ କଲେ ହୃଦରୋଗ ଆଶଙ୍କା



କାମର ଘଣ୍ଟା ଲମ୍ବା ହେଲେ ହୃଦ ଗତି ତୀବ୍ର ହୋଇଥାଏ । ଏହାକୁ ଆଟ୍ରିଅଲ ଫାଇବ୍ରେଲେଶନ କୁହାଯାଏ । ଯାହା ଷ୍ଟ୍ରୋକ୍ ଓ ହାର୍ଟ ଫେଲର ଆଶଙ୍କା ବୃଦ୍ଧି କରିଥାଏ । ରିସର୍ଚ୍ଚରୁ ଜଣାପଡିଛି ଏଭଳି ଲୋକ ଯିଏ ସପ୍ତାହରେ ୩୫ ରୁ ୪୦ ଘଣ୍ଟା କାମ କରିଥାଏ, ତାଙ୍କ ତୁଳନାରେ ୫୫ ଘଣ୍ଟା କାମ କରୁଥିବା ଲୋକଙ୍କ କ୍ଷେତ୍ରରେ ଆଟ୍ରିୟଲ ଫାଇବ୍ରେଲେଶନ ହେବାର ସମ୍ଭାବନା ପ୍ରାୟ ୪୦ ପ୍ରତିଶତ ଅଧିକ ରହିଥାଏ । ୟୁନିଭର୍ସିଟି କଲେଜ୍ ଅଫ୍ ଲଣ୍ଡନର ପ୍ରଫେସର ମିକା କିବିମାକୀ କହିଛନ୍ତି ଅଧିକ କାମ କରୁଥିବା ଲୋକଙ୍କ କ୍ଷେତ୍ରରେ ୪୦ ପ୍ରତିଶତ ରୋଗ ବୃଦ୍ଧି ପାଇଥାଏ । ଆଟ୍ରିୟଲ୍ ଫାଇବ୍ରଲେଶନରେ ବିକାଶ ଓ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ । ୟୁରୋପିଆନ୍ ହାର୍ଟ ଜର୍ଣ୍ଣାଲରେ ଏ ସମ୍ବନ୍ଧରେ ପ୍ରକାଶ ପାଇଛି ।

# କ୍ଷୀର କ୍ଷୟ କରେ ଚର୍ବି



ବର୍ତ୍ତମାନ କେତେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଅଧିକ କୋଲେଷ୍ଟ୍ରୋଲ ଏବଂ ଚର୍ବିଯୁକ୍ତ ଖାଦ୍ୟ ସିଧାସଳଖ ପ୍ରଭାବ ପକାଉଛି ହୃତପିଣ୍ଡ ଉପରେ । ଯାହାଦ୍ୱାରା ଆମକୁ ହୃଦଘାତ, ରକ୍ତଚାପ ଓ ଡାଇବେଟିସ୍ ଭଳି ସମସ୍ୟା ଭୋଗିବାକୁ ପଡିଥାଏ । ନିକଟରେ ଫ୍ରାନ୍ସର କିଛି ବୈଜ୍ଞାନିକଙ୍କ (ଟୁଡଲଥ ୟୁରୋ ଫେଡ୍ ଲିପିଡ୍ କଂଗ୍ରେସ)ର ପରୀକ୍ଷାରୁ ଜଣାପଡିଛି ଯେ ଦିନକୁ ଦୁଇ ଗ୍ଲାସ କ୍ଷୀର ପିଇବା ଦ୍ୱାରା ଶରୀରକୁ କୋଲେଷ୍ଟ୍ରୋଲକୁ ନଷ୍ଟ କରିବା ସହିତ ହୃଦୟର ସଠିକ୍ ପରିଚାଳନା ମଧ କରିବାରେ ସହାୟ କରିଥାଏ । କିଛି ଅନୁସନ୍ଧାନୀ ମଧ କହୁଛନ୍ତି କ୍ଷୀର ଜାତୀୟ ଦ୍ରବ୍ୟ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲ, ଚର୍ବିର ପରିମାଣ ବଢ଼େଇବା ଏବଂ ଓଜନ ବଢ଼େଇବାର ଆଶଙ୍କାକୁ କ୍ଷୟ କରିଥାଏ । ରିସର୍ଚ୍ଚରୁ ଏହା ମଧ ଜଣାଯାଇଛି ଯେ, କ୍ଷୀର ଜାତୀୟ ପଦାର୍ଥରେ ନ୍ୟୁଟ୍ରିଏଣ୍ଟ ପରିମାଣ ଅତ୍ୟଧିକ ମାତ୍ରାରେ ରହିଥାଏ । ଯାହା ଫଳରେ ନିତିଦିନ କ୍ଷୀର ପିଇବା ଦ୍ୱାରା ଶରୀରରେ ମେଦହ୍ରାସ, ମଧୁମେହକୁ କମାଇବାରେ ସହାୟକ ହେବା ସଙ୍ଗେ ସଙ୍ଗେ ଶରୀରକୁ ସମ୍ପୂର୍ଣ୍ଣ ଶକ୍ତି ଯୋଗାଇଥାଏ । ଆମେରିକାର ଚିକିତ୍ସକ ଦର୍ଶାଇଛନ୍ତି ଯେ, ଚର୍ବିମୁକ୍ତ କ୍ଷୀର ଜାତୀୟ ପଦାର୍ଥ ଦୈନନ୍ଦିନ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ମଧ ବୟସ୍କ ବ୍ୟକ୍ତି ଏବଂ ବୃଦ୍ଧଙ୍କ ଠାରେ ରକ୍ତଚାପର ଆଶଙ୍କା କମେଇବାରେ ସହାୟ ହୋଇଥାଏ ।

# ସ୍ୱର୍ବେଦ

**ମକର ତାର କେ ଦ୍ୱାର ମେଁ,**
**ନିରଖୋ ପରଖୋ ନାମ ।**
**ଇଙ୍ଗଲ ପିଙ୍ଗଲ ନିରୁଓ୍ୱାର କେ,**
**ସୁରତି ଜୋର ସତ୍ୟ ନାମ ॥୨୯॥**

ଭାଷ୍ୟ - ବିହଙ୍ଗମ ଯୋଗର ଭେଦିକ ଦ୍ୱାରରୁ ସେହି ପରଂବ୍ରହ୍ମଙ୍କୁ ଦେଖି ତାଙ୍କ ତତ୍ତ୍ୱ ସହିତ ପରିଚିତ ହୋଇ ତାକୁ ପରୀକ୍ଷା କରିବା ଉଚିତ । କାହିଁକି ନା କୌଣସି ବସ୍ତୁର ସାକ୍ଷାତ୍କାର ହେବା ପରେ ହିଁ ଉପଭୋଗ ତଥା ତାହାର ପ୍ରାପ୍ତି ହୋଇଥାଏ । ଜ୍ଞାତା ଠାରୁ ଜ୍ଞେୟ ଭିନ୍ନ ବସ୍ତୁ ଅଟେ ଏବଂ ଧ୍ୟାତା ଠାରୁ ଧ୍ୟେୟ ଭିନ୍ନ ବସ୍ତୁ ଅଟେ । ପ୍ରତ୍ୟକ୍ଷ ହେବା ପରେ ହିଁ ଧ୍ୟାନ ଏବଂ ତା'ପରେ ସମାଧି ହୋଇଥାଏ । ଅପ୍ରତ୍ୟକ୍ଷ ବସ୍ତୁର ଧ୍ୟାନ ଅଥବା ସମାଧି ହୋଇ ପାରେ ନାହିଁ, ସେଥିପାଇଁ ପରଂବ୍ରହ୍ମଙ୍କର ଧ୍ୟାନ ପରେ ଧ୍ୟେୟର ପରୀକ୍ଷା କରୁ କରୁ ତନ୍ମୟ ତଦାକାର ହୋଇ ଆତ୍ମିକ ଚେତନା ପ୍ରାପ୍ତ ହୋଇଯାଏ । ଏହାକୁ ସମାଧି କହନ୍ତି । ଧ୍ୟାତା ନିରୀକ୍ଷଣ କରି ତଥା ପ୍ରତ୍ୟକ୍ଷ ଅନୁଭବ କରି ତନ୍ମୟ ସ୍ୱରୂପ ହୋଇଯାଏ । ଜୀବ ଏବଂ ବ୍ରହ୍ମ - ଦୁହେଁ ଭିନ୍ନ ଭିନ୍ନ ସତ୍ତା ଅଟନ୍ତି, ସେଥିପାଇଁ ବ୍ରହ୍ମଙ୍କର ଗୁଣ ସହ ସ୍ପର୍ଶରୁ ଲୌହ ଅଗ୍ନିବତ୍ ଜୀବ-ବ୍ରହ୍ମର ସ୍ୱରୂପ ହୋଇଥାଏ । ଇଙ୍ଗଳା ଏବଂ ପିଙ୍ଗଳା ବାହ୍ୟ ନାଡ଼ି ଅଟନ୍ତି । ଭିତରେ ସୁଷୁମ୍ନା ଅଛି ଯାହା କପାଳ ଦେଇ ନିଜ ପ୍ରଦେଶକୁ ଯାଇଥାଏ । ତାହା ଦ୍ୱାରା ଯୋଗୀ ନିଜ ସ୍ଥାନକୁ ଆସି ସୁରତି ଅର୍ଥାତ୍ ଆତ୍ମିକ ଚେତନାର ସତ୍ୟ ନାମ ପରମ ପୁରୁଷଙ୍କ ସହିତ ସମ୍ବନ୍ଧ ଜୋଡ଼ିଥାଏ । ପରମ ପୁରୁଷଙ୍କ ସହିତ ଆତ୍ମିକ ଚେତନାର ସମ୍ବନ୍ଧକୁ ହିଁ ଯୋଗ କୁହାଯାଏ ।

**ସୁରତି ଶବ୍ଦ ମେଁ ଜୋରତେ, ଭୂଲେ**
**ଗଗନ କିଓ୍ୱାର ।**
**ଜଗମଗ ଜଗମଗ ହୋ ରହା, ପରମ**
**ପୁରୁଷ ଦରବାର ॥୩୦॥**

ଭାଷ୍ୟ - ଯେତେବେଳେ ଆତ୍ମିକ ଚେତନା ଏବଂ ଶବ୍ଦ ମଣ୍ଡଳର ସମ୍ବନ୍ଧ ହୋଇଯାଏ, ସେତେବେଳେ ଗଗନ କବାଟ ଖୋଲିଯାଏ ଏବଂ ଚେତନ ଶବ୍ଦର ମଣ୍ଡଳ ସମାଧି-ଧାମ ପୂର୍ଣ୍ଣ ପ୍ରକାଶମାନ ହୋଇ ପ୍ରଦୀପ୍ତ ପ୍ରତ୍ୟକ୍ଷ ଅନୁଭବ ହୋଇଥାଏ ।

**ସୁକ୍ଷ୍ମ ଧାର ସୁଖ ସିନ୍ଧୁ କା, ସୋତ**
**ଆତ୍ମ ଉର ଗାତ ।**
**ପକଡ଼ ଶବ୍ଦ ଡୋରୀ ଓ୍ୱହୀ, ସୁରତି**
**ଅମୀ ନନ୍ଦ ଜାତ ॥୩୧॥**

ଭାଷ୍ୟ - ଶବ୍ଦ ଆନନ୍ଦ ସାଗରଙ୍କର ସୂକ୍ଷ୍ମ ଧାରାର ପ୍ରବାହ ଆତ୍ମା, ଅନ୍ତଃକରଣ ଏବଂ ସମସ୍ତ ଦେହ ସଂଘାତ ଭିତରେ ପ୍ରବାହିତ ହୁଏ । ତାହା ଶବ୍ଦର ଡୋରି ଅଟେ, ଯାହା ଦ୍ୱାରା ଆତ୍ମିକ ଚେତନା ଅମୃତ ସାଗର ସହିତ ସମାହିତ ହୋଇଇଥାଏ । ସଦ୍‌ଗୁରୁ ଶରଣରେ ଚିରକାଳ ପର୍ଯ୍ୟନ୍ତ ସେବା ଏବଂ ସତ୍ସଙ୍ଗ କରିବା ଦ୍ୱାରା ଏହି ଗୁରୁଗମ୍ୟ ବିଷୟ ଜାଣିହୁଏ ।

**ଉସୀ ଶବ୍ଦ କେ ଧାର କେ, ଅନ୍ତର**
**ଗତ ମେଁ ଜାନ ।**
**ମକର ତାର ଡୋରୀ ଲଗୀ, ଧାରକ**
**ଜୀଓ୍ୱ ଜହାନ ॥୩୨॥**

ଭାଷ୍ୟ - ଶବ୍ଦ ପ୍ରବାହର ମଝିରେ ମକର ତାର ଲାଗିଛି ଯାହା ଦ୍ୱାରା ସମସ୍ତ ଚରାଚର ଜଗତର ଧାରଣ ହେଉଅଛି । ଶବ୍ଦକୁ ଧାରଣ କରୁଥିବା ଶକ୍ତିକୁ ମକର ତାର କୁହାଯାଏ । ମକର ତାର ଦ୍ୱାରା ହିଁ ଜୀବାତ୍ମା ନିଜ ଚେତନ ପ୍ରଦେଶର ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିଥାଏ । ମକର ତାର ଜୀବ ଏବଂ ବ୍ରହ୍ମର ଏକ ନିତ୍ୟ ସମ୍ବନ୍ଧ ଅଟେ ଏବଂ ସେହି ଆଧାର ଉପରେ ସମସ୍ତ ଜଗତର ଧାରଣ ଏବଂ ପୋଷଣ ହେଉଅଛି ।

**ଶବ୍ଦ ଡୋର ସୁଖ ସିନ୍ଧୁ କା, ଝୂଲନ**
**ପାଓ୍ୱେ କୋୟ ।**
**ଭାଗଓ୍ୱାନ ସୋ ହଁ ହୈ, କୃତକୃତ୍ୟ**
**ସୋ ହୋୟ ॥୩୩॥**

ଭାଷ୍ୟ - କେବଳ କୌଣସି ଭାଗ୍ୟବାନ ଆତ୍ମା ହିଁ ଅମୃତ ସାଗରର ଶବ୍ଦ ରଜ୍ଜୁରେ ଝୁଲିବାର ସୌଭାଗ୍ୟ ପ୍ରାପ୍ତ କରି କୃତକୃତ୍ୟ ହୋଇଥାଏ । ବିହଙ୍ଗମ ଯୋଗର ଝୁଲିବା ଏବଂ ରାଜଯୋଗର ସ୍ପନ୍ଦନର କମ୍ପନ ଭିତରେ ପାର୍ଥକ୍ୟ ଅଛି । ଏହାକୁ ଅନୁଭବୀ ତଥା ଭେଦୀ ହଂସ ଅର୍ଥାତ୍ ଆତ୍ମା ହିଁ ବୁଝି ପାରିବେ ।

**ଚଢ଼ତ ଶବ୍ଦ କୀ ଧାର ମେଁ, ଆତମ**
**ଝୂଲତ ଜାୟ ।**
**ରୋମ ରୋମ ରସ ଭୀନତା, ଉର**
**ଆନନ୍ଦ ଭରାୟ ॥୩୪॥**

ଭାଷ୍ୟ - ଶବ୍ଦର ଧାର ଧରି ଆତ୍ମା ସେଥିରେ ଝୁଲି ଝୁଲି ଗଗନ ମଣ୍ଡଳରେ ପହଞ୍ଚିଯାଏ । ସେହି ଅମୃତ ରସର ପ୍ରବାହ ଆତ୍ମା ଏବଂ ଶରୀରର ସମସ୍ତ ଅବୟବକୁ ପୂର୍ଣ୍ଣ ତୃପ୍ତି ପ୍ରଦାନ କରିଥାଏ । ବ୍ରହ୍ମ ଶକ୍ତିର ରସ ଆତ୍ମାକୁ ବଳବତୀ ଏବଂ ଆନନ୍ଦରେ ପରିପୂର୍ଣ୍ଣ କରିଦିଏ । ଏହି ସୋମରସକୁ ପାନ କରି ଯୋଗୀ ମଧୁମାନ ହୋଇ ପୂର୍ଣ୍ଣକାମ ହୋଇଥାନ୍ତି ।

**ସୂରତି ତୋ ମଛଲୀ ବନୀ, ଶବ୍ଦ**
**ଧାର ଧର ଜାୟ ।**
**ସୋ ମେଁ ଝୂଲନ ଝୂଲତୀ, ସାର**
**ଜାୟ ସମାୟ ॥୩୫॥**

ଭାଷ୍ୟ - ଆତ୍ମାର ଚେତନ ଶକ୍ତିକୁ ସୁରତି କହନ୍ତି । ସମସ୍ତ ଦେହ ସଂଘାତ ଏବଂ ପ୍ରକୃତି ମଣ୍ଡଳକୁ ତ୍ୟାଗ କରିବା ପରେ ଆତ୍ମାର ସୁଦ୍ଧ ସୁରତି ପ୍ରକଟିତ ହୁଏ । ଏହି ଶୁଦ୍ଧ ଚେତନ ସୁରତି ମୀନସମ ଶବ୍ଦ ପ୍ରବାହକୁ ଧରି ତାହାରି ବେଗରେ ଦୋଳାୟିତ, ତରଙ୍ଗାୟିତ ହୋଇ ଶବ୍ଦ-ସାଗର ସାରଶବ୍ଦରେ ପ୍ରବେଶ କରିଥାଏ ।

**କେଓ୍ୱଲ ଧାମ ସ୍ମରଣ ନହିଁ, ଅନୁଭଓ୍ୱ**
**ଶବ୍ଦ ଓ୍ୱିଧାନ ।**
**ସଦ୍‌ଗୁରୁ କୃପା ସେ ପାଇୟେ,**
**ପରମ ପୁରୁଷ ନିରଓ୍ୱାନ ॥୩୬॥**

ଭାଷ୍ୟ - ପରମ ପୁରୁଷ ପ୍ରାପ୍ତିର କେବଳ ସାଧନ ଜାଣିଗଲେ ଯେ ସେ




ପ୍ରାପ୍ତ ହୋଇ ଯାଆନ୍ତି ତାହା ନୁହେଁ, ବରଂ ସଦ୍‌ଗୁରୁଙ୍କର କୃପାଦୃଷ୍ଟିରୁ ହିଁ ଅନୁଭବଗମ୍ୟ ଅବ୍ୟକ୍ତ ସତ୍‌ପୁରୁଷଙ୍କର ପ୍ରାପ୍ତି ହୋଇଥାଏ, ଯାହା ବଳରେ ଜନ୍ମ ମରଣ ପ୍ରଭୃତି ଦୁଃଖ ଛାଡ଼ି ଯାଇ ପରମାନନ୍ଦ ଏବଂ ମୋକ୍ଷ ପ୍ରାପ୍ତି ହୋଇଥାଏ । ଆଧ୍ୟାତ୍ମ ବିଦ୍ୟାରେ ସଦ୍‌ଗୁରୁଙ୍କର କୃପାର ବିଶେଷ ମହତ୍ତ୍ୱ ରହିଛି । ସଦ୍‌ଗୁରୁଙ୍କ କରୁଣାରୁ ହିଁ ବ୍ରହ୍ମପ୍ରାପ୍ତି ହୋଇଥାଏ । କେବଳ ସାଧନାର ଜ୍ଞାନ ପ୍ରାପ୍ତ ହୋଇଯିବା ଦ୍ୱାରା ପ୍ରଭୁ ପ୍ରାପ୍ତି ହୋଇ ନ ଥାଏ ।

**ଅନ୍ୱେଷଣ କର ଶବ୍ଦ କା, ଶବ୍ଦହିଁ**
**ପରଖୋ ଆୟ ।**
**ଶବ୍ଦହିଁ ଶବ୍ଦ ଅଧାର ଚଲ, ଶବ୍ଦ ରୁପ**
**ପିଓ୍ୱ ପାୟ ॥୩୭॥**

ଭାଷ୍ୟ - ଶବ୍ଦର ଅନେକ ଭୂମି ତଥା ମଣ୍ଡଳ ଅଛି । ପିଣ୍ଡ-ବ୍ରହ୍ମାଣ୍ଡ ଭିତରେ ସ୍ଥୁଳ ଏବଂ ସୂକ୍ଷ୍ମ ଅନେକ ପ୍ରକାରର ଶବ୍ଦ ଅଥବା ଧ୍ୱନି ପ୍ରକଟ ହୋଇଥାନ୍ତି । ଏହି କ୍ଷର ଶବ୍ଦଗୁଡ଼ିକର ପ୍ରକାଶ ଏବଂ ଆନନ୍ଦରୁ ସାରଶବ୍ଦ ପୃଥକ୍ ତତ୍ତ୍ୱ ଅଟେ । ଜଡ଼ ଶବ୍ଦ, ନାଦ ଏବଂ ବିନ୍ଦରୁ ନିଃଶବ୍ଦ ସତ୍‌ପୁରୁଷ ଭିନ୍ନ ଅଟନ୍ତି । ଆତ୍ମା, ମନ ଅବା ପିଣ୍ଡ-ବ୍ରହ୍ମାଣ୍ଡ ଭିତରେ ଅନେକ ପ୍ରକାରର ଶବ୍ଦ ହେଉଥିବାରୁ ଏବଂ ସୂକ୍ଷ୍ମ ଗତି ପ୍ରବାହର ଜ୍ଞାନ ନ ହେବା ଯୋଗୁଁ ସାଧକ ଭ୍ରମିତ ହୋଇଥାଏ । ସେଥିପାଇଁ ତାହାକୁ ଗୁରୁ ପ୍ରସାଦରୁ ଯୋଗବିଧାନ ଦ୍ୱାରା ସମସ୍ତ କ୍ଷର ଶବ୍ଦଗୁଡ଼ିକୁ ଛାଡ଼ି ଅକ୍ଷର ପାର ନିଃଶବ୍ଦର ଅନ୍ୱେଷଣ କରିବା ଉଚିତ, କାହିଁକି ନା ସେଗୁଡ଼ିକର ପରୀକ୍ଷା କରି ହିଁ ତାହାର ଆଧାରରେ ପିଣ୍ଡ-ବ୍ରହ୍ମାଣ୍ଡର ସମସ୍ତ କ୍ଷର ଶବ୍ଦଗୁଡ଼ିକୁ ଛାଡ଼ି ସେହି ଏକମାତ୍ର ଶବ୍ଦ ସ୍ୱରୂପ ସାରଶବ୍ଦର ପ୍ରାପ୍ତି ହୋଇଥାଏ ।

**ଶବ୍ଦ ସ୍ୱରୂପୀ ପୁରୁଷ ହୈ, ଶବ୍ଦ ଶବ୍ଦ**
**ଗତି ହୋୟ ।**
**ଶବ୍ଦ ଶବ୍ଦ ମେଁ ମିଲି ରହା, ଶବ୍ଦ ଶବ୍ଦ**
**ହୈ ସୋୟ ॥୩୮॥**

ଭାଷ୍ୟ - ପରମ ପୁରୁଷ ପ୍ରକୃତି ପାର ଅବାଚ୍ୟ ସତ୍ତା ଅଟନ୍ତି । ତାଙ୍କୁ ବାଣୀ ଦ୍ୱାରା ପରିପ୍ରକାଶ କରିହେବ ନାହିଁ । ତାଙ୍କର କୌଣସି ପ୍ରାକୃତିକ ସ୍ୱରୂପ ନ ଥାଏ । ସେ ଯୋଗୀମାନଙ୍କର ଅନୁଭବରେ ତଥା ଶବ୍ଦ ସ୍ୱରୂପରେ ପ୍ରକଟ ଏବଂ ଭାସିତ ହୋଇଥାନ୍ତି । ସେଥିପାଇଁ ସେ ପରମ ପୁରୁଷ ଶବ୍ଦ ସ୍ୱରୂପ ଅଟନ୍ତି । ଶବ୍ଦ ଅତିରିକ୍ତ ଅନ୍ୟ କୌଣସି ସ୍ୱରୂପରେ ସେହି ଅନିର୍ବାଚ୍ୟ ସତ୍ତାଙ୍କର ନିରୂପଣ କରି ହେବନାହିଁ । ଈଶ୍ୱରଙ୍କ ବୋଧ ନିମନ୍ତେ ଯେଉଁ ବାଚକ ନାମମାନଙ୍କର ପ୍ରୟୋଗ ହୋଇଥାଏ, ସେ ସମସ୍ତ ଶବ୍ଦ ନାଶବାନ ତଥା କ୍ଷର ଅଟନ୍ତି । ଏହି କ୍ଷର ଶବ୍ଦମାନଙ୍କର ଆଧାର ଅକ୍ଷର ଦ୍ୱାରା ହିଁ ପିଣ୍ଡ-ବ୍ରହ୍ମାଣ୍ଡର ସମସ୍ତ ଶବ୍ଦ ତିଆରି ହୋଇଥାଏ ଏବଂ ବାଣୀ ଦ୍ୱାରା ସେମାନଙ୍କର ବ୍ୟବହାର ହୋଇଥାଏ । ସର୍ବ କ୍ଷର, ଅକ୍ଷର ଏ ସମସ୍ତଙ୍କର ପ୍ରକାଶକ ଆଧାର ହେବା ଯୋଗୁଁ ସେହି ପରମ ପୁରୁଷଙ୍କୁ ସାରଶବ୍ଦ କୁହାଯାଏ । ଅତଏବ ପରମ ପୁରୁଷ ଶବ୍ଦ ସ୍ୱରୂପ ଅଟନ୍ତି । ସେ ଶବ୍ଦ ମୁଖରେ କୁହାଯାଇ ପାରିବ ନାହିଁ, ପରନ୍ତୁ ଅନୁଭବରେ ଆତ୍ମା ଦ୍ୱାରା ପ୍ରତ୍ୟକ୍ଷ ହୋଇଥାଏ । ସେହି ଶବ୍ଦର ଧାର ଯେତେବେଳେ ଏକପାଦ ସ୍ଥିତ ଅକ୍ଷରରେ ପ୍ରବାହିତ ହୁଏ, ସେତେବେଳେ ପରମାଣୁଗୁଡ଼ିକରେ ଗତିର ସଂଚାର ହୋଇଥାଏ । ଶବ୍ଦ ଦ୍ୱାରା ହିଁ ଶବ୍ଦରେ ଗତି ହୋଇଥାଏ ଏବଂ ସେହି ଶବ୍ଦ କ୍ରମଶଃ ଅର୍ଦ୍ଧ ପ୍ରବାହରେ ପିଣ୍ଡ-ବ୍ରହ୍ମାଣ୍ଡର ଅନେକ ସ୍ଥାନକୁ ଆସି ଅନେକ ଶବ୍ଦରେ ପ୍ରତିଧ୍ୱନିତ ହୋଇଥାଏ । ଏହି ପ୍ରକାର ଅନୁଭବୀ ସାଧକ ଯେତେବେଳେ କ୍ରମଶଃ ଶବ୍ଦ ପ୍ରକାଶରେ ଶବ୍ଦାଧାରରେ ଅଗ୍ରସର ହୁଏ, ସେତେବେଳେ ନିମ୍ନସ୍ଥ ସମସ୍ତ ସ୍ଥୁଳ ଶବ୍ଦ ସୂକ୍ଷ୍ମରେ ପ୍ରବେଶ ହେବାରେ ଲାଗନ୍ତି ଏବଂ ଆତ୍ମା ଆଉ ମନର ମଣ୍ଡଳରୁ ଆଗକୁ ଯିବା ପରେ ଜଡ଼ ଶବ୍ଦ ଚେତନ ଅକ୍ଷରରେ ବିଲୀନ ହୋଇ ଶବ୍ଦ ହିଁ ପ୍ରତ୍ୟକ୍ଷ ହୋଇଥାଏ । ଅର୍ଥାତ୍ ସମସ୍ତ ଭୌତିକ ଶବ୍ଦ ନିଜ ମୂଳର ଆରମ୍ଭରେ ପ୍ରବେଶ କରି ଶବ୍ଦ ସ୍ୱରୂପରେ, ପରଂବ୍ରହ୍ମଙ୍କ ନିକଟରେ ଲୟ ହୋଇଯାଆନ୍ତି । ପରିଶେଷରେ ଶବ୍ଦ ହିଁ ଶବ୍ଦ ଅନୁଭବୀ ସାଧକଙ୍କୁ ପ୍ରକଟ ହୋଇଥାନ୍ତି । ଏହା ସୃଷ୍ଟି ଶବ୍ଦାଧାର ଉପରେ ଅକ୍ଷର ଦ୍ୱାରା ପ୍ରକଟ ହୋଇଥାଏ ଏବଂ ସମସ୍ତ ଅକ୍ଷରରେ ସମସ୍ତ ନାଦ ଆଉ ଅନହଦ ପ୍ରକଟ ହୋଇ ତାଙ୍କର ଆଧାରରେ ସ୍ଥିତ ରହିଥାନ୍ତି । ପୁନଶ୍ଚ ସେମାନଙ୍କର ଗତି ପ୍ରବାହ ଯେତେବେଳେ କ୍ରମଶଃ ଊର୍ଦ୍ଧ୍ୱକୁ ହୋଇଥାଏ, ସେତେବେଳେ କ୍ରମଶଃ ନିଜ ମୂଳରେ ପ୍ରବେଶ କରି ଅକ୍ଷର ପ୍ରକାଶରେ ସମୂଳେ ବିଲୀନ ହୋଇଯାଆନ୍ତି । ପରିଶେଷରେ ଅକ୍ଷର ପାର ନିଃଶବ୍ଦ ସାରଶବ୍ଦଙ୍କର ଅନୁଭବ ପ୍ରକାଶ ପ୍ରାପ୍ତ ହୋଇଥାଏ ।

**ଦୃଷ୍ଟି ଖୁଲେ ପରକାଶ ଜୋ, ବାହାର**
**ଭୀତର ହୋୟ ।**
**ସୋ ଅକ୍ଷର ପରକାଶ ହୈ, ପରମ**
**ପୁରୁଷ ନହିଁ ସୋୟ ॥୩୯॥**

ଭାଷ୍ୟ - ବିହଙ୍ଗମ ଯୋଗ ଦ୍ୱାରା ଚେତନା ସ୍ଥିର ହେବା ପରେ ଯେଉଁ ଦୃଷ୍ଟି ଖୋଲେ ଆଉ ବାହରେ ଏବଂ ଭିତରେ ଯେଉଁ ପ୍ରକାଶ ଦେଖାଦିଏ, ତାହା ଏକପାଦ ସ୍ଥିତ ଅକ୍ଷରର ପ୍ରକାଶ ଅଟେ, ଶୁଦ୍ଧ ଚେତନ ପରମ ପୁରୁଷଙ୍କର ପ୍ରକାଶ ନୁହେଁ । ଯେତେ ପ୍ରକାଶ ହେଉ ନା କାହିଁକି, ସେ ସବୁ ଶବ୍ଦାଧାରରେ ହୋଇଥାନ୍ତି । ସେଥିପାଇଁ ପରଂବ୍ରହ୍ମ ଶବ୍ଦ ପ୍ରକାଶ ସ୍ୱରୂପ ଅଟନ୍ତି । କୌଣସି ବସ୍ତୁର ହିଁ ପ୍ରକାଶ ହୋଇଥାଏ । ସେହି ନିରାଧାର ଚେତନ ମଣ୍ଡଳରେ ଶବ୍ଦର ହିଁ ଆଲୋକ ଆଉ ଆନନ୍ଦ ଅଛି । ସେଥିପାଇଁ ସେହି ପରମ ପୁରୁଷ ଅକ୍ଷର ପ୍ରକାଶ ଠାରୁ ଭିନ୍ନ ଅଟନ୍ତି । ଅନୁଭବୀ ସହଜ ଯୋଗୀ ସନ୍ଥ ହିଁ ଏହି ଅକ୍ଷର ଆଉ ଶବ୍ଦର ପ୍ରକାଶ ଭେଦକୁ ବୁଝିପାରିବେ ।

## ପାଚନକୁ ହ୍ରାସ କରେ ଜଙ୍କ ଫୁଡ୍

**ବ**ର୍ତ୍ତମାନର ଯୁବପୀଢ଼ିଙ୍କୁ, ପାସ୍ତା ଏବଂ ପିଜ୍ଜା ବରଗର ଭଳି ଜଙ୍କ ଫୁଡ୍ ଖାଦ୍ୟ ଖାଇବାକୁ ବହୁତ ପସନ୍ଦ କରନ୍ତି । କିନ୍ତୁ କେହି ଜାଣନ୍ତି ନାହିଁ ଏପରି ଖାଦ୍ୟ ତାଙ୍କ ସ୍ୱାସ୍ଥ୍ୟ ପ୍ରତି କେତେ କ୍ଷତିକାରକ । ବ୍ରିଟେନରେ ହୋଇଥିବା ଏକ ନୂତନ ଅଧ୍ୟୟନ ପରେ ଏହି ତଥ୍ୟ ସାମ୍ନାକୁ ଆସିଛି । ରିସର୍ଚ୍ଚକର୍ତ୍ତାଙ୍କ ମୁତାବକ ଫାଷ୍ଟ ଫୁଡ୍, ଜଙ୍କ କିମ୍ବା ଅନ୍ୟ ପ୍ରେସେଡ୍ ଫୁଡରେ ରହିଥିବା ପ୍ରେଜବେଟିସ୍ କେତେ ଏପରି କ୍ଷତିକାରକ ତଥ୍ୟ ମିଳିଛି ଯାହା କିଛି ମିନିଟରେ ଅନ୍ତଃରେ ରହିଥିବା ଭଲ ବ୍ୟାକ୍ଟେରିୟାର ଶହଶହ ପ୍ରଜାତିକୁ ନଷ୍ଟ କରି ଦେଇଥାଏ । ଭଲ ବ୍ୟାକ୍ଟେରିୟାରେ କିଛି ଏପରି ପ୍ରଜାତି ରହିଥାଏ ଯାହା ପାଚନ ଶକ୍ତିକୁ ଦୁରସ୍ତ ରଖିବା ସହିତ ବଢ଼ୁଥିବା ଓଜନକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରି ହେବ । ବ୍ରିଟେନର କିଙ୍ଗସ କଲେଜ ଅଫ୍ ଲଣ୍ଡନର ପ୍ରଫେସର ଟିମ୍ ସ୍ପେକ୍ଟର ନିଜ ପ୍ରସ୍ତୁତ 'ଦି ଡାଏଟ୍ ମିଥ୍'ରେ ଏହି ଅଧ୍ୟୟନର ଉଲ୍ଲେଖ କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରେ ଚେତାବନୀ



ଦିଆଯାଇଥିଲା କି ୨୦୩୦ ପର୍ଯ୍ୟନ୍ତ ୟୁରୋପର ଅଧିକାଂଶ ଲୋକ ମୋଟାପଣର ଶିକାର ହୋଇଯିବେ । ଏପରି ସ୍ଥିତିରେ ମୋଟାପଣରୁ ବଞ୍ଚିବାର ଏକମାତ୍ର ଉପାୟ ହେଉଛି, ଯେତେ ଦୂର ସମ୍ଭବ ଜଙ୍କ ଫୁଡ୍ ଠାରୁ ଦୂରେଇ ରୁହନ୍ତୁ ।

## ସାଇକେଲିଂର ଉପକାରିତା

ସାଇକେଲିଂ କରିବା ଶରୀର ପାଇଁ ଏକ ଉତ୍ତମ ଏକ୍ସର୍ସାଇଜ୍ ବା ବ୍ୟାୟାମ ରୂପେ ପ୍ରମାଣିତ ହୋଇଛି । ସାଇକେଲିଂ କରିବା ଦ୍ୱାରା ଶରୀର ସୁସ୍ଥ ଓ ଫୁର୍ତ୍ତି ରହିଥାଏ ଓ ମଣିଷ ନିରୋଗୀ ଜୀବନ ଅତିବାହିତ କରିଥାଏ । କର୍ମମୟ ଜଞ୍ଜାଳ ଭିତରେ ଆମେ ସବୁବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ଅନ୍ୟାୟ କରି ଚାଲିଥାଉ । ଯୋଗ ବା ବ୍ୟାୟାମ କରିବାକୁ ଆମ ପାଖରେ ସମୟର ଅଭାବ ରହିଥାଏ । ଏମିତିରେ ଯେଉଁ ବ୍ୟକ୍ତି କିଛି ସମୟ ପାଇଁ ଯଦି ସାଇକେଲିଂ କରୁଥାନ୍ତି ତେବେ ଏମାନଙ୍କୁ କୌଣସି ବ୍ୟାୟାମ୍ କରିବାକୁ ଆବଶ୍ୟକ ପଡି ନ ଥାଏ କାରଣ ଏହା ଶରୀର ପାଇଁ ଏକ ମହତ୍ୱପୂର୍ଣ୍ଣ ବ୍ୟାୟାମ ରୂପେ ପ୍ରମାଣିତ ହୋଇଥାଏ । ଯଦି ଆପଣଙ୍କ ଶରୀରର ଓଜନକୁ କମ୍ କରିବାକୁ ଚାହୁଁଛନ୍ତି ତେବେ ପ୍ରତିଦିନ କିଛି ସମୟ ପାଇଁ ସାଇକେଲିଂ କରନ୍ତୁ । ଏହା ଆପଣଙ୍କୁ ନିରୋଗୀ କରିଥାଏ ।



**ପ୍ରତିଦିନ ସାଇକେଲ ଚଳାନ୍ତୁ:** ସାଇକେଲ ଚଳାଇବା ପାଇଁ ଆପଣଙ୍କୁ କୌଣସି ସମୟ ବାହାର କରିବାକୁ ପଡି ନ ଥାଏ । ଯଦି ଆପଣ ପ୍ରତିଦିନ ମାର୍କେଟ ଯାଉଛନ୍ତି ତେବେ ବାଇକ୍ ନ ନେଇ ବରଂ ସାଇକେଲ୍ ନେଇ ଯାଆନ୍ତୁ । ଏହା ଫଳରେ ଆପଣଙ୍କ ପଇସା ବଞ୍ଚିବା ସହିତ ବାୟୁ ପ୍ରଦୂଷଣ ହୋଇ ନ ଥାଏ । ଏଥି ସହିତ ଆପଣଙ୍କର ପ୍ରତିଦିନର ଏକ୍ସରସାଇଜ୍ ହୋଇଯିବ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହେବ ।

**ଫାଷ୍ଟଫୁଡରୁ ଦୂରେଇ ରୁହନ୍ତୁ:** ବହୁ ଲୋକ ସିଙ୍ଗଡ଼ା, କଚୋରି, ପୁରୀ ତଥା ଫାଷ୍ଟଫୁଡ୍ ଖାଦ୍ୟକୁ ବେଶୀ ଖାଇଥାନ୍ତି । ଯଦି ଆପଣ ପ୍ରତିଦିନ ସାଇକେଲିଂ କରୁଛନ୍ତି ତେବେ ଶରୀର ଖରାପ ହେବାର ସମ୍ଭାବନା କମ୍ ରହିଥାଏ । କାରଣ ପ୍ରତିଦିନର ସାଇକେଲିଂ ହିଁ ଆପଣଙ୍କ ସବୁ ଖାଦ୍ୟକୁ ସହଜରେ ହଜମ କରି ଦେଇଥାଏ ।

**ହୃଦୟକୁ ସୁସ୍ଥ ଓ ସୁରକ୍ଷିତ ରଖନ୍ତୁ:** ଆପଣ ପ୍ରତିଦିନ କିଛି ସମୟ ପାଇଁ ଯଦି ସାଇକେଲ ଚଳାଉଛନ୍ତି ତେବେ ଆପଣଙ୍କୁ ବେମାରି ସହିତ ଲଢ଼େଇ କରିବାର ଭୟ ରହି ନ ଥାଏ । ସାଇକେଲ୍ ଚଳାଇବା ଫଳରେ ହୃଦ୍ ସ୍ପନ୍ଦନ ଅଧିକ ସଂଚାରିତ ହୋଇଥାଏ ।

**ମାଂସପେଶୀ ମଜଭୁତ ରହିଥାଏ:** ସାଇକେଲ ଚଳାଇବା ଫଳରେ ଶରୀରକୁ ଉତ୍ତମ ବ୍ୟାୟାମ ମିଳିଯାଇଥାଏ । ଯାହା ଫଳରେ ମାଂସପେଶୀ ମଜଭୁତ ହୋଇଥାଏ । ଶରୀରର ସବୁ ଅଙ୍ଗ ସକ୍ରିୟ ରୂପେ କାମ କରିବାକୁ ଲାଗିଥାଏ ।

**ଓଜନ କମାଇବାର ଉପାୟ:** ନିୟମିତ ସାଇକେଲ ଚଳାଇବା ଫଳରେ ଆପଣଙ୍କ ଓଜନ ମଧ ହ୍ରାସ ପାଇଥାଏ । ଏହା ଅତିରିକ୍ତ ଚର୍ବିକୁ କମ୍ କରିଥାଏ । ତେଣୁ ପ୍ରତିଦିନ ସାଇକେଲିଂ କରି ସୁସ୍ଥ ଶରୀର ଲାଭ କରନ୍ତୁ ।

**ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ:** ପ୍ରତିଦିନ ସାଇକେଲ ଚଳାଇବା ଦ୍ୱାରା ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ । ସାଇକେଲ ଚଳାଇବା ଫଳରେ ରକ୍ତ ସଞ୍ଚାଳନ କ୍ଷିପ୍ର ଭାବରେ ହେଉଥିବା ହେତୁ ଦ୍ରୁତ ଓ କୋଷିକାଗୁଡିକୁ ଅଧିକ ମାତ୍ରାରେ ଅକ୍ସିଜେନ୍ ଓ ପୋଷକ ତତ୍ତ୍ୱ ମିଳିଥାଏ । ଯାହାକି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସହାୟକ ହୋଇଥାଏ ।

**ନିଦ ଭଲ ହୋଇଥାଏ:** ଆଜିର ସହରି ଜୀବନରେ ନିଦ କମ୍ ହେବାର ସମସ୍ୟା ସବୁଠାରୁ ବହୁଳ ଭାବରେ ଦେଖିବାକୁ ମିଳୁଛି । ଏମିତିରେ ଆପଣ ଯଦି ପ୍ରତିଦିନ ସାଇକେଲ ଚଳାଉଥାନ୍ତି ତେବେ ଶଯ୍ୟାକୁ ଯିବା ମାତ୍ରେ କେଉଁଆଡୁ ନିଦ ଘାରି ଆସିଥାଏ । ନିଦ ପାଇଁ ଆଉ ଔଷଧ ସେବନ କରିବାକୁ ପଡି ନ ଥାଏ ।

## ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ଥାଏ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧ୍ୟରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇଁ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

## ଦୀର୍ଘ ସମୟ ବସିରହିବା ବିପଜ୍ଜନକ!

ଆଜିର କର୍ମବ୍ୟସ୍ତ ଜୀବନରେ ସ୍ୱାସ୍ଥ୍ୟ ପ୍ରତି ଚିନ୍ତା କରିବାକୁ କାହାକୁ ଫୁରସତ ନାହିଁ । ସଭିଏଁ ପ୍ରତିଯୋଗିତାମୂଳକ ସମୟରେ ଆଗରେ ରହିବାକୁ ପ୍ରୟାସ ଚଲାଇଛନ୍ତି । ଏଥିପାଇଁ ଅନେକ ଲୋକ ଖରାପ ଅଭ୍ୟାସ, ଧୂମ୍ରପାନ, ମାଦକ ଦ୍ରବ୍ୟ ସେବନ ଠାରୁ ଦୂରେଇ ରହି ନିଜ କାମ ଉପରେ ଧ୍ୟାନ କେନ୍ଦ୍ରିତ କରିଥାନ୍ତି । ସେମାନେ ଏଭଳି ମାରାତ୍ମକ ବଦଭ୍ୟାସଠାରୁ ଦୂରେଇ ରହିଥାନ୍ତି, ତଥାପି ଏକ ଗୁରୁତ୍ୱପୂର୍ଣ୍ଣ କଥା ଭୁଲି ଯାଇଥାନ୍ତି । ଯାହା ସେମାନଙ୍କ ସ୍ୱାସ୍ଥ୍ୟକୁ ବିଗାଡ଼ିବାରେ ଲାଗିଥାଏ । ବୈଜ୍ଞାନିକଙ୍କ ମତରେ, ଯଦି ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ସ୍ଥାନରେ ବସି ରହି କାର୍ଯ୍ୟ କରୁଛନ୍ତି, ତେବେ ତାହା ସିଗାରେଟ୍ ଟାଣିବାଠାରୁ ବି ଅଧିକ ବିପଜ୍ଜନକ । କାର୍ଯ୍ୟାଳୟରେ କମ୍ପ୍ୟୁଟର ସାମ୍ନାରେ କାମ କରନ୍ତୁ କି କାହାପାଇଁ ଅପେକ୍ଷା କରନ୍ତୁ ନଚେତ୍ ଗପସପ କରିବା ବେଳେ ଘଣ୍ଟା ଘଣ୍ଟା ଧରି ଗୋଟିଏ ସ୍ଥାନରେ ବସି ରହିବାକୁ ପଡିଥାଏ । ଏଭଳି ସ୍ଥଳରେ ବ୍ୟକ୍ତି ଅଜାଣତରେ କେତେ ଯେ ପ୍ରାଣଘାତକ ନିଜ ଆଡ଼କୁ ଆମନ୍ତ୍ରିତ କରେ ତାହା ତା'ର କଳ୍ପନା ବାହାରେ ଥାଏ । ଆମେରିକାରେ ପ୍ରାୟ ୯ ହଜାର ଲୋକଙ୍କ ଉପରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି, ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା ଶରୀରର ମେଟାବଲିଜିମ୍‌ରେ ହ୍ରାସ ଅନୁଭୂତ ହୋଇଥାଏ । ଯଦ୍ୱାରା କୋଲେଷ୍ଟ୍ରୋଲ ସ୍ତର ନିୟନ୍ତ୍ରଣ ବାହାରକୁ ଚାଲିଯାଏ । ଗବେଷଣା ମୁତାବକ ଶାରୀରିକ ପରିଶ୍ରମରେ ହ୍ରାସ ଓ ଅନିୟମିତତା କାରଣରୁ ହାର୍ଟ ସମ୍ବନ୍ଧୀୟ ରୋଗର ସମ୍ଭାବନା ୬ ପ୍ରତିଶତ ବଢ଼ିଥାଏ । ଏପରିକି ମଧୁମେହ ଆଶଙ୍କା ୭ ପ୍ରତିଶତ ଓ ସ୍ତନ କର୍କଟ ସମ୍ଭାବନା ୧୦ ପ୍ରତିଶତ ବୃଦ୍ଧି ପାଇଥାଏ ।



## କହିପାରିବେ କି ?

(୧) ନିକଟରେ କେଉଁ ରାଜ୍ୟରେ 'ମିଶନ ଭାଗୀରଥ' ଯୋଜନାର ଆରମ୍ଭ କରାଯାଇଛି ?
(୨) କିଏ 'ବଙ୍ଗ ବନ୍ଧୁ' ଭାବେ ମଧ ବେଶ୍ ଜଣାଶୁଣା ?
(୩) ମଧ ପ୍ରଦେଶରେ 'ଗାନ୍ଧୀ ସାଗର ବନ୍ଧ' କେଉଁ ନଦୀ ଉପରେ ନିର୍ମାଣ କରାଯାଇଛି ?
(୪) ଠୁମ୍ରି ଗାୟକ ଗିରିଜା ଦେବୀ କେଉଁ ଘରାନା ସହ ସଂପୃକ୍ତ ?
(୫) ଖାଇମା ସୋଡ଼ାର ରାସାୟନିକ ନାମ କ'ଣ ?
(୬) ଦଳବଦଳ ନିରୋଧୀ ଅଧିନିୟମ କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ ପାରିତ ହୋଇଥିଲା ?
(୭) ଡ୍ୟାନ୍ସିଂ ଡିଅର ଭାରତର କେଉଁ ରାଜ୍ୟରେ ଦେଖାଯାନ୍ତି ?
(୮) ବିଶ୍ୱ ଆର୍ଦ୍ରଭୂମି ଦିବସ କେବେ ପାଳନ କରାଯାଏ ?
(୯) ଖଜୁରାହୋ ମନ୍ଦିର ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(୧୦) ମହାଭାରତରେ ଅର୍ଜୁନଙ୍କ ଧନୁର ନାମ କ'ଣ ଥିଲା ?

### JUMBLE WORDS

| | | | |
|---|---|---|---|
| 1) CUPOH | = | 6) DPTVAE | = |
| 2) DERTNY | = | 7) SPIRCT | = |
| 3) BKERAM | = | 8) OLGIO | = |
| 4) ETLFE | = | 9) CWEKR | = |
| 5) BTAEA | = | 10) RFYACT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.କେରଳ, ୨.ମାର୍ଚ୍ଚ ୪, ୩.ଧନ ନନ୍ଦ, ୪.ଚୀନ୍, ୫. ଆନ୍ଧ୍ର ପ୍ରଦେଶ, ୬. ଲମ୍‌ହେଟା (ମଧ ପ୍ରଦେଶ), ୭. କୁଚୁପୁଡି, ୮.ବ୍ରାଜିଲ, ୯.ମାତଳି, ୧୦. ନର୍ଗିସ୍ ଦତ୍ତ ।

***Jumble Words* ର ଉତ୍ତର :-**

(1) LARGER (2) AWARD (3) RUMMY (4) ASSIGN (5) PLEDGE (6) BLISS (7) FRONT (8) HAIRDO (9) ELDEST (10) DICEY.

# ଗୋସ୍ୱାମୀଙ୍କ ନାମ... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ସଂପର୍କରେ ଗୋସ୍ୱାମୀ ନିଜେ ମଧ୍ୟ ଏକ ଉଦାହରଣ, ଯାହାକି ହନୁମାନଜୀଙ୍କ ନିର୍ଦ୍ଦେଶରେ ରାମଲକ୍ଷ୍ମଣଙ୍କ ସହିତ ଚିତ୍ରକୁଟରେ ସାକ୍ଷାତ ହେବାର କଥା। ତଦନୁଯାୟୀ ତୁଳସୀ କେବଳ ତାଙ୍କ ଦର୍ଶନ କରିବା ପାଇଁ ଚିତ୍ରକୁଟରେ ଅବସ୍ଥାନ କଲେ। ଦିନେ ଦୁଇ ରାଜକୁମାର ଘୋଡ଼ାରେ ଚଢ଼ି ଯାଉଥିବାର ଦେଖିଲେ। କିନ୍ତୁ ଚିହ୍ନି ପାରିଲେ ନାହିଁ। କାରଣ ତାଙ୍କ ନାମ ବତାଇଲାବାଲା କେହି ନ ଥିଲେ। ପରେ ପୁଣି ହନୁମାନଙ୍କ କୃପାରୁ ପୁନର୍ବାର ଆସି ଗୋସ୍ୱାମୀଙ୍କୁ ଚନ୍ଦନ ମାଗିଲେ। ତଥାପି ଗୋସ୍ୱାମୀ ଯେତେବେଳେ ଚିହ୍ନି ପାରିଲେ ନାହିଁ ଅଦୂରରେ ଥାଇ ରାମଭକ୍ତ ହନୁମାନ ନିମ୍ନଦୋହା ଗାଇଥିଲେ।

ଚିତ୍ରକୂଟକେ ଘାଟ ପର ଭଇ ସଂତନ କୀ ଭୀର।

ତୁଳସିଦାସ ଚନ୍ଦନ ଘିସେଁ ତିଲକ ଦେତ ରଘୁବୀର।

ଏହି ହେଉଛି ନାମ, ନାମୀର ବ୍ୟବହାରିକ ବ୍ୟାଖ୍ୟା। ଏଣୁ ଭକ୍ତ ଭୁବନଭାସ୍କର ତୁଳସୀ ପରଂବ୍ରହ୍ମ ରାମଙ୍କର ଅନନ୍ୟ ସେବକ, ପ୍ରେମିକ, ଉପାସକ। ରାମ ଧରା ଧାମରେ ଅବତରିତ ହୋଇ ବହୁତ ପାପୀଙ୍କୁ ଉଦ୍ଧାର କରିଛନ୍ତି। କିନ୍ତୁ ଯେତେ ହେଲେ ବି ଏମାନଙ୍କ ସଂଖ୍ୟା ସୀମିତ କିନ୍ତୁ ନାମରେ କୃପା ଓ ନାମର ମାହାତ୍ମ୍ୟ ଅନନ୍ତ। ରାମାବତାର ସବୁଦିନେ ନାହାଁନ୍ତି। କିନ୍ତୁ ନାମ ସବୁ ଦିନ ପାଇଁ ରହିଛନ୍ତି। ଏହି ନାମ ମହିମା ବର୍ଣ୍ଣନାରେ ତୁଳସୀଙ୍କ ଲେଖନୀ ମୁଖରା ହୋଇ ଉଠିଛି –

ରାମ ସୁକଂଠ ବିଭୀଷନ ଦୋଉ। ରାଖେ ସରନ ଜାନ ସ କୋଉ।

ନାମ ଗରୀବ ଅନେକ ନେୱାଜେ। ଲୋକ ବେଦ ବର ବିରିଦ ବିରାଜେ।

ରାମ ଭାଲୁ କପି କଟକୁ ବଟୋରା। ସେତୁ ହେତୁ ଶ୍ରମୁ କୀହ୍ନ ନ ଥୋରା।

ନାମ ଲେତ ଭବ ସିନ୍ଧୁ ସୁଖାହୀ। କରହୁ ବିଚାର ସୁଜନ ମନ ମାହୀ।

ଯେଉଁ କାମକୁ ରାମ ସମ୍ପାଦନ କରି ପାରି ନାହାଁନ୍ତି ସେ କାମକୁ ତାଙ୍କ ନାମ ଅକ୍ଳେଶରେ କରି ପାରିଛନ୍ତି। ସମୁଦ୍ରରେ ସେତୁ ନିର୍ମାଣ ସମୟରେ ନଳ ନୀଳଙ୍କ ପ୍ରଭାବରେ ପଥର ସବୁ ଭାସିଲା। ଏହି ବୁଡ଼ିବା ସମସ୍ୟା ଦୂର ହେବାପରେ ଅନ୍ୟ ଗୋଟିଏ ବିରାଟ ସମସ୍ୟା ଦେଖାଦେଲା। କୌଣସି ପଥର ସ୍ଥିର ରହି ପାରିଲା ନାହିଁ। ଭାଲୁ ବାନରଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ତରଙ୍ଗ ଆଘାତରେ ପଥର ଗୁଡ଼ିକ ସର୍ବଦା ପ୍ରକମ୍ପିତ ହେଲା। ଏହି ଦୃଶ୍ୟ ଦେଖି ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ। ଭକ୍ତଶିରୋମଣି ଜାମ୍ବବ ପ୍ରଭୁଙ୍କ ନାମ ଉପରେ ଅଖଣ୍ଡ ଆସ୍ଥା ରଖି କହିଲେ, ଏକ ପଥର ଉପରେ 'ରା', ଲେଖ, ଅନ୍ୟ ଖଣ୍ଡିକରେ 'ମ', ଲେଖ। ଦୁହିଁଙ୍କୁ ଯୋଡ଼ିଲାଭଳି କରି ଦେଇ ପୁଣି ଏହି ଧାରାରେ ନାମାଙ୍କିତ କରି ପଥର ସବୁକୁ ଯୋଡ଼। ଏହା କରିବା ଫଳରେ ସେତୁ ସ୍ଥିର ହୋଇଗଲା ଜାମ୍ବବ କହିଲେ- 'ବ୍ରହ୍ମ ଜୀବ ସମ ସହଜ ସଂଘାତି।

ଏ ସଂପର୍କରେ ତୁଳସୀଙ୍କ ଉକ୍ତି ହେଲା –

ମହିମା ଯହ ନ ଜଲଧି କଇ ବରନି। ପାହନ ଗୁନ ନ କପିହ୍ନ କଇ କରନି।

ଶ୍ରୀ ରଘୁବୀର ପ୍ରତାପତେ ସିଂଧୁ ତରେ ପାଷାନ।

ତେ ମତି ମଂଦ ଜେ ରାମ ତଜି ଭଜଇ ଜାଇ ପ୍ରଭୁ ଆନ।

ରାମଙ୍କ ଦ୍ୱାରା ନିର୍ମିତ ସେତୁ କାଳକ୍ରମେ କାଳକବଳିତ ହୋଇ ଯାଇଛି। ନାମୀର କୃତୀ ସବୁଦିନେ ରହିପାରି ନାହିଁ। ଲଙ୍କାକୁ ଯିବା ପାଇଁ ରାମଙ୍କୁ ଏହି ସେତୁ ବାନ୍ଧିବାକୁ ପଡ଼ିଥିଲା। କିନ୍ତୁ ହନୁମାନ ତାଙ୍କ ନାମ ଧରି ସମୁଦ୍ର ପାର ହୋଇ ଗଲେ। ଏହି ନାମରେ କୃତୀ - ସବୁଦିନେ ରହିଥିବ।

ନାମ ଲେତ ଭବ ସିଂଧୁ ସୁଖାର୍ଜୀ। କରହୁ ବିଚାରୁ ସୁଜନ ମନମାହିଁ।

ଜାସୁ ନାମ ସୁମିରତ ଇକଜାରା। ଉତ୍ତରହିଁ ନର ଭଓ୍ୱସିଂଧୁ ଅପାର।

ସଗୁଣ ସାକାର ଓ ନିର୍ଗୁଣ ନିରାକାର ଏହି ଦୁଇ ଭାବ ଉପରେ ବହୁ ଦ୍ୱନ୍ଦ୍ୱ ଶାସ୍ତ୍ରମାନଙ୍କରେ ଦେଖିବାକୁ ମିଳେ; କିନ୍ତୁ ଗୋସ୍ୱାମୀ ଏହି ବିରୋଧାତ୍ମକ କଥାର ସମାଧାନ ଖୁବ୍ କୌଶଳର ସହିତ ସହଜ କରିଦେଇ କହିଛନ୍ତି -

ହିୟ ନିର୍ଗୁଣ ନୟନନ୍ହି ସଗୁନ ରସନା ନାମ ସୁନାମ। ମନହୁଁ ପୁରଟ ସଂପୁଟ ଲସତ ତୁଳସୀ ଲଲିତ ଲଲାମ।

ହୃଦୟରେ ନିର୍ଗୁଣ ନିରାକାର, ନେତ୍ରରେ ସଗୁଣ ସାକାର ଏ ଦୁହିଁଙ୍କ ଅପେକ୍ଷା ନାମକୁ ଅଧିକ ମହତ୍ତ୍ୱ ଦେଇ କହିଛନ୍ତି।

'ରାମନାମ ମନିଦୀପ ଧରୁ ଜୀହ ଦେହରୀ ଦ୍ୱାର'।

ଯେପରି କୌଣସି ମୂଲ୍ୟବାନ୍ ରତ୍ନ ରଖିବା ପାଇଁ ଗୋଟିଏ ଫରୁଆ ଖୋଜା ଯାଏ, ସେହିପରି ଜିହ୍ୱା ଉପରେ ରାମନାମ ହେଲା ରତ୍ନ ସ୍ୱରୂପ- ନିର୍ଗୁଣ, ସଗୁଣ ତାକୁ ରଖିବା ପାଇଁ ଫରୁଆର ତଳି ଉପରେ ପରି। ଅର୍ଥାତ୍, ଅନ୍ତରରେ ନିର୍ଗୁଣ ନିରାକାର ଭାବନା ହେଉଛି ଫରୁଆର ତଳ ଭାଗ। ନେତ୍ରରେ ସଗୁଣ ସାକାର ରୂପଦର୍ଶନ କରି ଅନ୍ତରରେ ନିର୍ଗୁଣ ନିରାକାର ଭାବନା କରି କରି ଜିହ୍ୱାରେ ରାମ ନାମ ରତ୍ନ ରଖିବାକୁ କହି ମଧୁର ସମନ୍ୱୟ କରିଛନ୍ତି।

ଅସତ୍ ସଂଘର୍ଷରେ ଯେଉଁ ଜୀବନୀ ଶକ୍ତି ବିଜୟ ଲାଭ କରି ଅଖିଳ ଧର୍ମ ନିଷ୍ଠାକୁ ରକ୍ଷାକରେ ତାର ନାମ ହେଉଛି ରାମ। ଭାରତର ସମସ୍ତ ଜୀବନ ଚେତନାରେ ରାମନାମ କଳ୍ପବୃକ୍ଷ ସଦୃଶ ଏହି ରାମ, ମାତ୍ର ଏକ ନାମ ନୁହେଁ ଏହା ସମସ୍ତ ଧର୍ମ, ଇତିହାସ, ଆସ୍ଥା, ସଂସ୍କୃତି, ଜୀବନ ଦର୍ଶନ, ଜୀଜିବୀଷା, ସତ୍ୟ, କର୍ମ, ନିଷ୍ଠାର ସମୁଚିତ ରୂପ ଅଟେ। ଏହା ଭକ୍ତର ସତ୍ୟଜ୍ଞାନର ଆଧାରସ୍ତମ୍ଭ ଓ କର୍ମର ପ୍ରେରଣା।

ଇତିହାସର କେତେ ଆଲୋକିତ ଓ ତିମିରାଚ୍ଛାଦିତ ଯୁଗ ବିତିଯାଇଛି। କେତେ ଶତାବ୍ଦୀ, ସହସ୍ରାବ୍ଦୀ ଅତୀତ ହୋଇ ଯାଇଥିଲେ ବି ରାମନାମର ଅଖଣ୍ଡ ପରମ୍ପରା ଆଜିବି ଜୀବିତ ରହିଛି। କାଳେ କାଳେ ରହିଥିବ। ଭାରତ ଯେପରି ଅମର, ଭାରତବାସୀଙ୍କ ଅନ୍ତରରେ ବସିଥିବା ରାମନାମ ମଧ୍ୟ ଅମର ଜାତିର ସଭ୍ୟତାର ଉତ୍ଥାନ-ପତନ ମଧ୍ୟରେ ଯେଉଁ ସ୍ଥୂଳ-ଭୂତ ତଥ୍ୟ ଜୀବିତ ତାହାହିଁ ରାମ। ରାମ ନାମକୁ ଓଲଟା ଜପି ବାଲ୍ମୀକି ବ୍ରହ୍ମଋଷି ହୋଇଛନ୍ତି। ରାମ ରାମ କହି ତୁଳସୀ ଲୋକନାୟକ ହୋଇଛନ୍ତି। ଗୋସ୍ୱାମୀ ତୁଳସୀଦାସ ଭଗବାନ୍ ଶ୍ରୀରାମଙ୍କ ଅନନ୍ୟ ଭକ୍ତଥିଲେ। ରାମଙ୍କ ଅପେକ୍ଷା ରାମ ନାମର ଶ୍ରେଷ୍ଠତା ପ୍ରତିପାଦନ କରି ନାମ ଉପାସନାର ଉପଦେଶ ଦେଇ ଯାଇଛନ୍ତି। ରାମ ନାମକୁ ଧରି କିପରି ଅଗମ୍ୟ ଅଗାଧ ଭବ ସାଗରକୁ ପାର ହେବାକୁ ହୁଏ ଓ ଅଜ୍ଞାନ- ଅନ୍ଧକାରକୁ ନଷ୍ଟ କରି କିପରି ଜ୍ଞାନ ଜ୍ୟୋତି ପ୍ରାପ୍ତ ହୁଏ ସେ ସଂପର୍କରେ ରାମଙ୍କ ମହିମା ଅନନ୍ତ ବୋଲି ସୂଚନା ଦେଇଛନ୍ତି। ରାମନାମ ନିର୍ଗୁଣ ଓ ସଗୁଣ ଉଭୟ ମଧ୍ୟରେ ଶ୍ରେଷ୍ଠ ସାକ୍ଷୀ ଓ ଉଭୟ ମଧ୍ୟରେ ମଧ୍ୟସ୍ଥ ପରି କାର୍ଯ୍ୟ କରେ। ଯଦି କୌଣସି ବ୍ୟକ୍ତି ଶ୍ରଦ୍ଧା ଓ ଭକ୍ତି ସହିତ ରାମ ନାମ ଜପକରେ ତାର ସମସ୍ତ ସଙ୍କଟ ଦୂର ହୋଇଯାଏ ଏଥିପାଇଁ ଭକ୍ତ ଶିରୋମଣି ରାମନାମ-ରୂପୀ ମଣିଦୀପକୁ ଶରୀର-ରୂପୀ ଭବନର ମୁଖ-ରୂପୀ ଦ୍ୱାରରେ ଥିବା ଜିହ୍ୱା-ରୂପକ ଏରୁଣ୍ଡି ଉପରେ ରଖୁବା ପାଇଁ କହିଛନ୍ତି। ଦ୍ୱାର ଦେହଳୀ ଉପରେ ଥିବା ଦୀପ ଘର ଭିତର ଓ ବାହାର ଉଭୟକୁ ଆଲୋକିତ କଲାପରି ଏହି ରାମ ନାମ ରୂପୀ ମଣିଦୀପ ଅନ୍ତର୍ଜଗତ ଓ ବାହ୍ୟଜଗତ ଉଭୟକୁ ଆଲୋକିତ କରିବ।

ରାମନାମ ମନିଦୀପ ଧରୁ ଜୀହ ଦେହରୀ ଦ୍ୱାର।

ତୁଳସୀ ଭୀତର ବାହେରହୁଁ ମୈଁ ଚାହସି ଭଜିଆର।

ଜ୍ଞାନଦୀପ ଭକ୍ତିମଣି :

ଶ୍ରୀ ରାମଚରିତମାନସର ଉତ୍ତର କାଣ୍ଡରେ ଭକ୍ତି, ଜ୍ଞାନ, ମାୟା ଆଦି ସମସ୍ତ ତତ୍ତ୍ୱ ବିସ୍ତୃତ ଭାବରେ ଆଲୋଚନା ହୋଇଛି। ଜ୍ଞାନ ଭକ୍ତିକୁ ତୁଳନା କରି ଶେଷରେ ଭକ୍ତି ଆଚରଣ ପାଇଁ ଉପଦେଶ ଦେଇଛନ୍ତି। ଏକ ରୂପକ ଅଳଙ୍କାର ମାଧ୍ୟମରେ ସପ୍ତାଙ୍ଗ ଯୋଗ ସାଧନର ଭୂମିକା ପ୍ରତିପାଦନ କରି ଜ୍ଞାନଦୀପ କଥା ବର୍ଣ୍ଣନା କରିଛନ୍ତି ସେଥିରେ ଜ୍ଞାନଦୀପ ଜାଳିବା କେତେ କଷ୍ଟକର ସେ ସଂପର୍କରେ କୁହାଯାଇଛି - ହୃଦୟର ସାତ୍ତ୍ୱିକ ଶ୍ରଦ୍ଧା ଗାଈ ସଦୃଶ ହୋଇ ଶୁଭ ଆଚରଣରୂପୀ ହରିତ ତୃଣକୁ ଭକ୍ଷଣ କରିବ ଭାବରୂପୀ ବାଛୁରୀ ସେ ଗାଈର କ୍ଷୀର ପାନକରିବ ଓ ନିବୃତ୍ତ-ରୂପକ ରଜ୍ଜୁରେ ସେ ଗାଈ ବନ୍ଧା ଯିବ। ବିଶ୍ୱାସ-ରୂପ ପାତ୍ର ଧରି ନିର୍ମଳ ମନ-ରୂପୀ ଗୋପାଳ ସେବା ବ୍ରତରେ ଦୋହନ କରିବ। ନିଷ୍କାମ ଭାବ ରୂପକ ଅଗ୍ନିରେ ସେ କ୍ଷୀରକୁ ସିଝାଇ, ସନ୍ତୋଷ ରୂପ ବାୟୁ ଓ କ୍ଷମା ରୂପୀ ଶୀତଳ ଗୁଣଦ୍ୱାରା ଶୀତଳକରି ଧୃତି ରୂପ ଖଟା ପକାଇ ଦହି କରିବ।

ସଂଯମ ରୂପ ସ୍ତମ୍ଭରେ, ସତ୍ୟ ଓ ପ୍ରିୟ ବଚନ ରଜ୍ଜୁଦ୍ୱାରା ବିବେକ ରୂପୀ ଖୁଆରେ ମନ୍ଥନ କଲେ ବୈରାଗ୍ୟ ଯୁକ୍ତ-ଲବଣୀ ପ୍ରକଟିତ ହେବ। ଶୁଭାଶୁଭ କର୍ମ ରୂପୀ କାଷ୍ଠକୁ ଜାଳି ଯୋଗରୂପକ ଅନଳ ସାହାଯ୍ୟରେ ଜ୍ଞାନ-ରୂପକ ଘୃତ ବାହାର କରିବ। ବିଜ୍ଞାନ ରୂପିଣୀ ବୁଦ୍ଧି ଗୃହିଣୀ ରୂପହୋଇ ଚିତ୍ତ ରୂପୀ ଦୀପରେ ଜ୍ଞାନରୂପୀ ଘୃତକୁ ଦେଇ, ତୁରୀୟାବସ୍ଥା ରୂପକ, କାର୍ପାସ ବତି ଲଗାଇ ଜ୍ଞାନ ଦୀପକୁ ଜାଳିବ। ଏହି ଜ୍ଞାନ ଦୀପ କେବେ ଲିଭିବ ନାହିଁ। ଏହି ପ୍ରକାର ଜ୍ଞାନଦୀପ ଜାଳିବା ବହୁ କଷ୍ଟସାଧ୍ୟ ଓ ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ଭକ୍ତିକୁ ମଣି ସଦୃଶ କହି, ମଣିଦୀପ ଜାଳିବାକୁ କହିଛନ୍ତି। ମଣିର ଦୀପରେ ଅଗ୍ନି ସଂଯୋଗ ବତି ନଥିଲେ ବି ମଣି ଜ୍ୟୋତିର ଆଲୋକରେ ତାହା ସ୍ୱତଃ ଆଲୋକିତ। ତେଣୁ ଭକ୍ତିକୁ ମଣି ବୋଲି କହିଛନ୍ତି। ଅତ୍ୟଧିକ ପରିଶ୍ରମ ଓ ଧୈର୍ଯ୍ୟର ସହିତ ଦୀର୍ଘ ଦିନ ସାଧନାରେ ଲାଗି ରହିବା ବଡ଼ କଷ୍ଟକର ତେଣୁ ଜ୍ଞାନମାର୍ଗକୁ କୃପାଣର ଧାରା ବୋଲି ସୂଚନାଦେଇ ରାମଭକ୍ତିକୁ ଚିନ୍ତାମଣି ସଦୃଶ କହିଛନ୍ତି। ଅଜ୍ଞାନ ହେତୁ କାମ, କ୍ରୋଧାଦି ହୃଦୟ ଓ ବୁଦ୍ଧିକୁ ତିମିରାଚ୍ଛାଦିତ କରି ରଖିଛି। ରାମନାମ ରୂପୀ ମଣିଦୀପ ଜିହ୍ୱା ଦେହଳୀ ଉପରେ ରଖିଦେଲେ ତାର ତୀବ୍ର ଆଲୋକରେ ଏହି ଅନ୍ଧକାର ଦୂର ହୋଇଯିବ।

ରାମ ନାମର ସ୍ମରଣ ଓ ରାମଙ୍କ ସାନ୍ନିଧ ଜୀବର ଅନ୍ତର ବାହାର ଆଚରଣକୁ ମଧ୍ୟ ଆଲୋକିତ କରି ପ୍ରକାଶ କରିଦିଏ। ତୁଳସୀ କହିଛନ୍ତି, ରାମ ନାମ ବିନା ବାଣୀ ମଧ୍ୟ ଶୋଭା ପାଏନା।

ରାମ ନାମ ବିନୁ ଗୀରା ନ ସୋହା।

ଦେଖୁ ବିଚାରି ତ୍ୟାଗୀ ମଦ ମୋହା।

ଶାସ୍ତ୍ରରେ ଭକ୍ତିକୁ ଅନେକ ପ୍ରକାର ବର୍ଣ୍ଣନା କରାଯାଇ ଥିଲେ ବି ତୁଳସୀ ନାମ ଜପ ଉପରେ ଜୋରଦେଇ କହିଛନ୍ତି, ଯଦି ଅନ୍ତର ଓ ବାହାର ପ୍ରକାଶ କରିବାକୁ ଚାହୁଁଛ ତେବେ ନିରନ୍ତର ରାମନାମକୁ ଜିହ୍ୱା ଉପରେ ରଖ। ଏହାଦ୍ୱାରା ଜୀବ ତାଙ୍କ ସନମୁଖ ହୋଇଯାଏ।

ସନମୁଖ ହୋଇ ଜୀବ ମୋହି ଜବ ହିଁ। ଜନ୍ମ କୋଟି ଅଘ ନାସହିଁ ତବ ହିଁ। ଏହାଦ୍ୱାରା ଜୀବର ମାନସିକ ରୋଗ ବ୍ୟାପେନା କି, ତା ନିକଟକୁ ମୋହ ଆସେନା, ଯାହା ଫଳରେ ଅନ୍ତରର ଅନ୍ଧକାର ମେଣ୍ଟିଯାଏ।

ନାମୀ ନାମରେ ହିଁ ବଶୀଭୂତ। ନାମ ସ୍ମରଣ ଦ୍ୱାରାହିଁ ନାମୀ ଆସି ପହଞ୍ଚି ଯାଏ। ଏହି ବିଶ୍ୱାସ ସହିତ ନାମ ସ୍ମରଣ କରାଯାଏ କି ଯେଉଁଥିରେ ଜାପକର ମନରେ ଜାପ୍ୟର ଭାବନା ସର୍ବଦା ଲାଗିରହେ। ଏହାହିଁ ବାସ୍ତବିକ୍ ଜପ ବା ସ୍ମରଣ।

ସମୁଝତ ସରିସ ନାମ ଅରୁ ନାମୀ। ପ୍ରୀତି ପରସପର ପ୍ରଭୁ ଅନୁଗାମୀ। ନାମ ସହିତ ନାମୀର ଏତେ ପ୍ରୀତି ସେ ନାମ ପଛେ ପଛେ ଚାଲିଥାଏ। ଏହି ନାମ ସ୍ମରଣର ମହତ୍ତ୍ୱ କେତେ ତାହା ଆମ ଶାସ୍ତ୍ର ପୁରାଣରେ ଭରପୂର ହୋଇଛି। ବିଶ୍ୱାସର ସହିତ ନାମ ସ୍ମରଣ କରାଯିବା ଉଚିତ। ଏହି ନାମ ସ୍ମରଣ ବିଶୁଦ୍ଧ ରୂପରେ ଏକ ମାନସୀ କ୍ରିୟା। ଏଥିପାଇଁ ମହାତ୍ମା କବୀର କହିଛନ୍ତି।

ମାଳା ତୋ କର ମେ ଫିରେ ଜିହ୍ୱା ଫିରି ମୁଖ ମାହିଁ।

ମନବା ତୋ ଚହୁଁ ଦିଶ ଫିରେ ଯହତୋ ସୁମିରନ ନାହିଁ।

ନାମ ସାଧନ ପରି ସହଜ, ସୁଗମ ଓ ସରଳ ସାଧନ ଆଧାତ୍ମିକ ରାଜ୍ୟରେ ଆଉ କିଛି ନାହିଁ। ରାମଙ୍କ ଗୁଣରେ ରମିଯାଇ ତାଙ୍କ ପାଇଁ ତତ୍ପର ରହିବା ହିଁ ଜୀବନର ଲକ୍ଷ୍ୟ। ଏହି ଭାବରେ ଗୋସ୍ୱାମୀ ବୁଡ଼ି ଯାଇଛନ୍ତି ତାଙ୍କ କର୍ମ ଚେତନା ସ୍ୱତନ୍ତ୍ର ନ ହୋଇ ଭକ୍ତିର ଅନିବାର୍ଯ୍ୟ ଅଙ୍ଗ ହୋଇଛି। ସଂସାରର ସମସ୍ତ କାର୍ଯ୍ୟ ସଙ୍ଗେ ସଙ୍ଗେ ରାମ ନାମ ସ୍ମରଣ ଓ ଜପ ଲାଗିରହୁ ଏହା ତାଙ୍କର ଉପଦେଶ। ସମସ୍ତ ନାମଠାରୁ ରାମନାମ ସର୍ବଶ୍ରେଷ୍ଠ ବୋଲି ସୂଚାଇ ସେ କହିଛନ୍ତି -

ରାକା ରଜନୀ ଭଗତି ତବ ରାମ ନାମ ସୋଇସୋମ।

ଅପର ନାମ ଉଡୁଗନ ଓ୍ୱିମଲ ବସହୁଁ ଭଗତ ଭର ବ୍ୟୋମ।

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ସ୍ୱୀକୃତି ମିଳିଛି

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଜାରି ରହିଥିବା ସୁଶାସନକୁ ଜାତୀୟ ସ୍ତରରେ ପୁଣିଥରେ ସ୍ୱୀକୃତି ମିଳିଛି । ସ୍କଚ୍ ଗଭର୍ଣ୍ଣାନ୍ସ ରିପୋର୍ଟ କାର୍ଡ ୨୦୨୧ରେ ଓଡ଼ିଶା ନିଜର ଶ୍ରେଷ୍ଠ ପ୍ରଦର୍ଶନ ସହ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ୨୦୨୦ ମସିହାରେ ଓଡ଼ିଶା ୮ ନମ୍ବର ସ୍ଥାନରେ ଥିବାବେଳେ ବିଭିନ୍ନ କ୍ଷେତ୍ରରେ ଆଦୃଶିଆ ପଦକ୍ଷେପ ସହ ଉନ୍ନୟନ ମୂଳକ ଯୋଜନା ଏବଂ ପଦକ୍ଷେପ ପାଇଁ ୫ଟି ପାହାଚ ଅତିକ୍ରମ କରିଛି । ପୂର୍ବପରି ପ୍ରଥମ ସ୍ଥାନରେ ଆନ୍ଧ୍ରପ୍ରଦେଶ ରହିଥିବା ବେଳେ ପଶ୍ଚିମବଙ୍ଗ ଦ୍ୱିତୀୟ ସ୍ଥାନରେ ରହିଛି । ତାଲିକାରେ ୨୦୨୦ ମସିହାରେ ଗୁଜୁରାଟକୁ ଦ୍ୱିତୀୟ ସ୍ଥାନ ମିଳିଥିବା ବେଳେ ଏଥର ଗୁଜୁରାଟ ଖରାପ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନକୁ ଖସି ଆସିଛି । ଅର୍ଥାତ ପ୍ରଥମ ୩ଟି ସ୍ଥାନରେ କୌଣସି ବିଜେପି ଶାସିତ ରାଜ୍ୟ ନଥିବା ବେଳେ ତାରକା ରାଜ୍ୟ ତାଲିକାରେ ଓଡ଼ିଶା ସାମିଲ ହୋଇଛି । ଏହି ସୂଚୀରେ ପ୍ରଥମ ସ୍ଥାନରେ ଆନ୍ଧ୍ର, ଦ୍ୱିତୀୟ ସ୍ଥାନରେ ପଶ୍ଚିମବଙ୍ଗ, ତୃତୀୟ ସ୍ଥାନରେ ଓଡ଼ିଶା, ଚତୁର୍ଥ ସ୍ଥାନରେ - ଗୁଜରାଟ ଓ ପଞ୍ଚମ ସ୍ଥାନରେ ମହାରାଷ୍ଟ୍ର ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱ, ସୁଶାସନ ତଥା ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ପୁଣିଥରେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରଶଂସିତ କରିବା ସହ ସ୍ୱୀକୃତି ଦେଇଛି ।

ସୂଚନାଯୋଗ୍ୟ ଯେ ୨୦୧୮ ମସିହାରୁ ଓଡ଼ିଶା ଲଗାତାର ଭାବେ ଉନ୍ନତ ପ୍ରଦର୍ଶନ କରି ଆସୁଛି । ୨୦୧୮ରେ ପ୍ରକାଶିତ ରିପୋର୍ଟରେ ଓଡ଼ିଶାର ସ୍ଥାନ ୧୩ ନମ୍ବରରେ ରହିଥିଲା । ୨୦୧୯ ଓଡ଼ିଶା ୧୦ ନମ୍ବରକୁ ଉନ୍ନୀତ ହୋଇଥିବା ବେଳେ ୨୦୨୦ରେ ୮ ନମ୍ବର ଏବଂ ୨୦୨୧ରେ ୩ ନମ୍ବରକୁ ଉନ୍ନୀତ ହୋଇ ତାରକା ରାଜ୍ୟ ତାଲିକାରେ ସ୍ଥାନ ପାଇଛି । ଏହାସହ ବିଭିନ୍ନ କ୍ଷେତ୍ରରେ ମଧ ଓଡ଼ିଶାର ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି । ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ ୧ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ଜଳ ସମ୍ପଦ କ୍ଷେତ୍ରରେ ମଧ ଉଲ୍ଲେଖନୀୟ ପ୍ରଦର୍ଶନ କରି ୧ ନମ୍ବର ସ୍ଥାନ ହାତେଇଛି । ଜଳସେଚନଠାରୁ ଆରମ୍ଭ କରି ଜଳ ସଂରକ୍ଷଣ ପର୍ଯ୍ୟନ୍ତ ବିଭିନ୍ନ ପ୍ରକଳ୍ପ ଏବଂ ଯୋଜନାର ସଫଳ ରୂପାୟନ ଓଡ଼ିଶାକୁ ଏହି ସଫଳତା ଆଣି ଦେଇଛି । ସେହିପରି କୃଷିକ୍ଷେତ୍ରରେ ଓଡ଼ିଶା ଦେଶବ୍ୟାପୀ ୨ ନମ୍ବର ସ୍ଥାନରେ ଥିବାବେଳେ ଭୂବିଜ୍ଞାନ ଏବଂ ଖଣି କ୍ଷେତ୍ରରେ ମଧ ୨ ନମ୍ବର ସ୍ଥାନରେ ରହିଛି । ସେହିପରି ରାଜସ୍ୱ ଓ ଅର୍ଥ କ୍ଷେତ୍ରରେ ୩ ନମ୍ବର ଏବଂ ରାଜ୍ୟରେ ଶିଳ୍ପ ଅନୁକୂଳ - ବାତାବରଣ ପାଇଁ ଇଜ୍ ଅଫ୍ ଡୁଇଂ ବିଜନେସ୍‌ରେ ଓଡ଼ିଶା ୪ ନମ୍ବର ସ୍ଥାନରେ ରହିଛି ।

## ବିଜୁ ମହିଳା ଜନତା ଦଳ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ

ସମ୍ବଲପୁର: ବିଜୁ ଜନତା ଦଳ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଶାନ୍ତି ନଗର ସ୍ଥିତ ବିଜେଡି ମହିଳା ଅଫିସ ଠାରେ ସଭାନେତ୍ରୀ ବନ୍ଦିତା ରାଣୀ ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଅଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା, ରାଜ୍ୟ ସାଧାରଣ ସମ୍ପାଦିକା ତଥା ମୁଖପାତ୍ର ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଡାକ୍ତର ଦେବହୁତୀ ପାଢ଼ୀ ଏବଂ ବରିଷ୍ଠ ବିଜେଡି ନେତା ବରିଷ୍ଠ ଆଇନଜୀବି ଅଶୋକ କୁମାର ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ସିପ୍ରା ମହାନ୍ତି, ଶ୍ରୀମତୀ ଶୋଭାଗିନୀ ନାଏକ, ରାଜ୍ୟ ସମ୍ପାଦିକା କଳ୍ପନା ମିଶ୍ର,ଜୋନାଲ ସଭାନେତ୍ରୀ ସବିତା ଆଚାର୍ଯ୍ୟ, ଜିଲ୍ଲା ପଦାଧିକାରୀ କଳ୍ପନା ବେହେରା, କାନନବାଳା ପଟ୍ଟନାଏକ, ସଙ୍ଗୀତା ସ୍ୱାଇଁ, ସୁରେଖା ସାହୁ, ମାନେଶ୍ୱର ଜୋନର ଜିଲ୍ଲାପରିଷଦ ସଭ୍ୟ ସୁରାଜା ସେଠ, କୁନ୍ତୀ ସିଂ, ଚନ୍ଦ୍ରଲେଖା ବହିଦାର ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ 'ପ୍ରୟାସ' ଅନୁଷ୍ଠାନର ସଦସ୍ୟମାନେ ସମ୍ମାନିତ କରିଥିଲେ । ଶେଷରେ ଜିଲ୍ଲା ଉପ ସଭାନେତ୍ରୀ ଶ୍ରୀମତୀ ତ୍ରିବେଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମାକୁମାରୀ କେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ

ସମ୍ବଲପୁର: ବ୍ରହ୍ମା କୁମାରୀ ପଶ୍ଚିମାଞ୍ଚଳ ସବଜୋନ ସମ୍ବଲପୁରର ପ୍ରଶାସିକା ବ୍ରହ୍ମା କୁମାରୀ ପାର୍ବତୀ ଦିଦିଙ୍କ ଈଶ୍ୱରୀୟ ସେବାର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ କ୍ଷେତରାଜପୁର ବ୍ରହ୍ମା କୁମାରୀ କେନ୍ଦ୍ର ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ପାଳନ ହୋଇ ଯାଇଛି । ଉକ୍ତ କେନ୍ଦ୍ରର ଦାୟିତ୍ୱରେ ଥିବା ପରିଚାଳିକା ବ୍ରହ୍ମାକୁମାରୀ ରାସେଶ୍ୱରୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ରାଜଯୋଗିନୀ ପାର୍ବତୀ ଦିଦିଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ମାନ ଜଣାଇଥିଲେ । ନିରଞ୍ଜନ ଭାଇ ଶିବରାତ୍ରୀର ଉଦ୍ଦେଶ୍ୟ କଣ ବୁଝାଇ କହିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁମ୍ବାଇର ବ୍ରହ୍ମାକୁମାରୀ ରାଜଯୋଗିନୀ ଦିଦି ଜୀ, ଜାତୀୟ ସଂଯୋଜିକା, ବାଣିଜ୍ୟ ଓ ଶିଳ୍ପ ବିଭାଗ, ଅନ ଲାଇନ ଯୋଗ ଦେଇଥିଲେ । ଏଥିରେ ଅଲ୍ ଇଣ୍ଡିଆ ମାରୱାଡ଼ି ଫେଡେରେସନର ଉପସଭାପତି ଅଶୋକ ଜଲାନ ସମ୍ମାନୀୟ ଅତିଥି ଏବଂ ମୁମ୍ବାଇରୁ ବ୍ରହ୍ମାକୁମାରୀ ରାଜଯୋଗିନୀ ଦିଦି ଜୀ, ରାଜଯୋଗିନୀ ପାର୍ବତୀ ଦିଦି ଜୀ ପ୍ରମୁଖ ଯୋଗ ଦେଇଥିଲେ । କୁମାରୀ ଖୁସି, ପଲ୍ଲବୀ ଓ ତାଙ୍କ ସାଥିମାନେ ନୃତ୍ୟ ପରିବେଷଣ କରିଥିଲେ ।

## ନାରୀସେବା ସଂଘ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ସମ୍ବଲପୁର: ନାରୀସେବା ସଂଘ ତରଫରୁ ସମ୍ପାଦିକା ଶ୍ରୀମତୀ କଳ୍ପନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ରାଜଶ୍ରୀ ଦାଶ , ପ୍ରଜ୍ଞା ମହାପାତ୍ର, ସାରଳା ତ୍ରିପାଠୀ, ସଞ୍ଜିବା ପାଢ଼ୀ, ପଦ୍ମାଳୟା ପଟ୍ଟନାୟକ, କଲ୍ୟାଣୀ ମିଶ୍ର, ବନ୍ଦିତା ପୂଜାରୀ, ସେବା ପଣ୍ଡା, ଗୀତାଞ୍ଜଳି ପଣ୍ଡା, ଲିଲି ପଟ୍ଟନାୟକ, ପୁଷ୍ପା ପଟ୍ଟନାୟକ, କଲ୍ୟାଣୀ ନନ୍ଦ, ପଲ୍ଲବୀ ସାହୁ , ସୁମିତ୍ରା ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଯାଜ୍ଞସେନୀ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରେଳ ମଣ୍ଡଳରେ ଆନ୍ତର୍ଜାତିକ ମହିଳା ଦିବସ

ସମ୍ବଲପୁର: ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଳୱେ କମ୍ୟୁନିଟି ସେଣ୍ଟରଠାରେ ମହିଳା କର୍ମଚାରୀଙ୍କ ମଧ୍ୟରେ ସଚେତନତା, କର୍ମଶାଳା, ୱାକାଥନ, କୌତୁକ ଇଭେଣ୍ଟ, ରଙ୍ଗୋଲି ଓ ପ୍ରତିଯୋଗିତା ହୋଇଥିଲା । ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ସମ୍ବଲପୁର ମହିଳା କଲ୍ୟାଣ ସଙ୍ଗଠନ ଅଧ୍ୟକ୍ଷା ଈଷା ମଲ୍ଲିକ ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଁ ସମ୍ମାନିତ ଅତିଥି, ଶିକ୍ଷାବିତ୍ ଡକ୍ଟର ନିଳେନ୍ଦ୍ରୀ ପଣ୍ଡା, ଆଇନଜୀବୀ ଦୁଖସ୍ୱାନା ପରଭିନ ବକ୍ତା ଭାବେ ଯୋଗ ଦେଇଥିଲେ । ବରିଷ୍ଠ ରେଳ ମଣ୍ଡଳ କାର୍ମିକ ଅଧିକାରୀ କୁସ୍ରୁଫ କବି ଅନସାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହାୟକ କାର୍ମିକ ଅଧିକାରୀ ଦିଗମ୍ବର ପାଢ଼ୀ ଧନ୍ୟବାଦ ଦେଇଥିଲେ ।

## ଏକାଦଶାହରେ ହେମାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଝାରସୁଗୁଡ଼ା: ଦିବଙ୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ଗ୍ରାମ ଠାକୁରପଡ଼ାରେ ଦଳମତ ନିର୍ବିଶେଷରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନୈତିକ ନେତୃବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଡକ୍ଟର ଅଶୋକ ପାଲଟା ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିସାନ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଓ ଦୁର୍ଯ୍ୟୋଧନ ଗଡିଆ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଝାରସୁଗୁଡ଼ା ବରିଷ୍ଠ ନାଗରିକ ସଂଘର ପୂର୍ବତନ ସଭାପତି ଅର୍ଜୁନ ମୋର, ସ୍ୱେଚ୍ଛାକୃତ ରକ୍ତଦାନ ସଂସ୍ଥା 'ତ୍ୟାଗ'ର ସଭାପତି ତଥା ବିଶିଷ୍ଟ ସମାଜସେବୀ ଦୁର୍ଗା ପାଢ଼ୀ, ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ଗୌରୀଶଙ୍କର ଦାଶ, ବିଜେପି ନେତା ତ୍ରିନାଥ ଗୁଆଲଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସହସ୍ରାଧିକ ବ୍ୟକ୍ତି ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ଏହି ଅବସରରେ ଆଦର୍ଶ ' ଜନନାୟକ ହେମାନନ୍ଦ ବିଶ୍ୱାଳ' ନାମକ ଏକ ସ୍ମୃତି ପୁସ୍ତକ ଉନ୍ମୋଚିତ ହୋଇଥିଲା ।

ଏହି ଅବସରରେ ବୁର୍ଲା ଠାରେ 'ତ୍ୟାଗ' ପକ୍ଷରୁ ଆୟୋଜିତ ଏକ ରକ୍ତଦାନ ଶିବିରରେ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । 'ତ୍ୟାଗ'ର ସଭାପତି ଦୁର୍ଗା ପାଢ଼ୀ ନିଜର ୧୦୨ ତମ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ପତ୍ନୀ ଉର୍ମିଳା ବିଶ୍ୱାଳ ଭାର୍ଚୁଆଲ ମୋଡରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ତାଙ୍କର ଝିଅ ସୁନିତା ଓ ଅମିତ ବିଶ୍ୱାଳ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିଲେ । ବୁର୍ଲାର ଇନ୍ଦିରା କ୍ଲବ, ବଳିଦାନ, ତ୍ୟାଗ ସଂସ୍ଥା ଓ ସମ୍ବଲପୁର ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଓ ବୁର୍ଲା କଂଗ୍ରେସ ପ୍ରେମୀ କାର୍ଯ୍ୟକ୍ରମରେ ସହଯୋଗ କରି ରକ୍ତଦାନ କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୀ ବିଶ୍ୱାଳଙ୍କ ସ୍ମୃତିଚାରଣ କରାଯାଇ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ସାରଦା ସଂଘର ସବୁ ମହିଳା ରକ୍ତଦାତା, ବଳିଦାନର ଶିବ ଦଳାଇ, ମହାତ୍ମାଗାନ୍ଧୀ ସ୍ମୃତି ପରିଷଦର ଗିରିଜା ନାୟକ, ଭୁବନ ବିଶ୍ୱାଳ, ଇନ୍ଦିରା କ୍ଲବ, ଡକ୍ଟର ସୁଶାନ୍ତ କର, ଲୋକନାଥ ଗେଯୋ, ଖେମିନି ମହାକୁଡ, ଭୁବନ ଡାଙ୍ଗ, ତ୍ୟାଗର ସମ୍ପାଦକ ପଙ୍କଜ ମଜୁମଦାର, ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର, ମଟ୍ଟୁ ପ୍ରଧାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |







# ସମଲେଶ୍ୱରୀ ମନ୍ଦିର ଦର୍ଶନ ଓ ସୈନିକ ସ୍କୁଲ ପରିଦର୍ଶନରେ ଡକ୍ଟର ପି.କେ. ମିଶ୍ର

# ଚନ୍ଦ୍ରଶେଖର ବେହେରାଙ୍କ ପ୍ରତିମୂର୍ତ୍ତି ଜିଲ୍ଲା ଓକିଲ ସଂଘ ପରିସରରେ ଉନ୍ମୋଚିତ









ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପରିସରରେ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ଏକ ପ୍ରତିମୂର୍ତ୍ତି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡକ୍ଟର ଏସ୍. ମୁରଲୀଧର ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଜିଲ୍ଲା ଓକିଲ ସଂଘ ସଭାପତି ଡକ୍ଟର ପ୍ରମୋଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ମୁରଲୀଧର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମ୍ବଲପୁର ବାର୍‌ର ପ୍ରଥମ ଓଡ଼ିଆ ଓକିଲ ଚନ୍ଦ୍ରଶେଖର ବେହେରାଙ୍କ ଜୀବନୀ ଉପରେ ଆଲୋକ-ପାତ କରିଥିଲେ । ଗାନ୍ଧୀଙ୍କ ଠାରୁ ଅନୁପ୍ରାଣିତ ହୋଇ ଚନ୍ଦ୍ରଶେଖର ସ୍ୱାଧୀନତା ସଂଗ୍ରାମ ତଥା ସମାଜସେବାରେ ସାମିଲ ହୋଇଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଓଡ଼ିଆ ଭାଷା ଆନ୍ଦୋଳନରୁ ଆରମ୍ଭ କରି କୁସଂସ୍କାର ବିରୋଧରେ ତାଙ୍କ ସଂଗ୍ରାମ ଜାରି ରଖି ଆସିଥିଲେ । ମୋଟ୍ ଉପରେ ତାଙ୍କ ଜୀବନୀ ଅନେକ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଉଥିବ ବୋଲି ସେ ପ୍ରକାଶ କରିଛନ୍ତି ।

ଉତ୍ସବରେ ନାଗରିକ ମାନଙ୍କ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ବରଗଡ ସାଂସଦ ସୁରେଶ ପୂଜାରୀ, ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ମୁଖ୍ୟ ବିଚାରପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ବାର୍ ପକ୍ଷରୁ ସମ୍ବଲପୁରୀ ଜାକେଟ୍ ଓ ଉପଢୌକନ ଦେଇ ମୁଖ୍ୟ ବିଚାରପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସଂପାଦକ ରବିରଞ୍ଜନ ପୂଜାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ ଉପସଭାପତି ଚନ୍ଦ୍ରକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୟାମଣି ବୃଦ୍ଧାଶ୍ରମରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ














ସମ୍ବଲପୁର : ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଆଶ୍ରମର ଅଧ୍ୟକ୍ଷା ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ଆର୍ତ୍ତତ୍ରାଣ ମିଶ୍ର ଓ ରୋହିତ ପୂଜାରୀଙ୍କ ଧର୍ମପତ୍ନୀ ବୈଶାଳୀ ପୂଜାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସଭାରେ ଡାକ୍ତର ଲକ୍ଷ୍ମୀନାରାୟଣ ରଥ ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଉଦବୋଧନ ଦେଇଥିବାବେଳେ ଶ୍ରୀମତୀ କଲ୍ୟାଣୀ ମିଶ୍ର, ତପସ୍ୱିନୀ ନେପାକ ଏବଂ ଦ୍ରୌପଦୀ ମହାରଣା ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ପ୍ରତିଭା ଦେବୀ, କବୟିତ୍ରୀ ମମତା ନାଥ, ଡାକ୍ତର ଶୋଭା, ସୀତା କରାଳୀ, ସୁନୀଲ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଶେଷରେ ସିପ୍ରା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ, ସ୍ନିଗ୍ଧାଶ୍ରୀ ବହିଦାର, ତପସ୍ୱିନୀ ସାହୁ, ପାର୍ଥସାରଥୀ ଦାନୀ ଓ ଆର୍ତ୍ତତ୍ରାଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ



ବୁର୍ଲା : ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇ ଯାଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶାର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ କମିସନର ଡକ୍ଟର ସୁରେଶ ଚନ୍ଦ୍ର ଦଲାଇ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ ଏବଂ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପି.ଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସଂଜତ କୁମାର ସାହୁ, ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଏବଂ ପ୍ରଫେସର ଡ. ଫଣିନ୍ଦ୍ର ଭୂଷଣ ନନ୍ଦ ପ୍ରମୁଖ ମଧ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପରାଜ ସାହୁ ସଭା ପରିଚାଳନା କରିଥିବା ବେଳେ ପ୍ରଫେସର କୁମୁଦ ରଂଜନ ପାଣିଗ୍ରହୀ ଓ ପ୍ରଫେସର ଅଶୋକ କୁମାର ଦାଶ ଆଲୋଚକ ଭାବରେ ଯୋଗ ଦେଇଥିଲେ । ଆରମ୍ଭରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସଂଯୋଜକ ଡକ୍ଟର ଗୋପୀନାଥ ବାଗ ଅତିଥିଙ୍କୁ ସ୍ୱାଗତ କରିଥିଲେ ।

ଅଧାପିକା ସୁପ୍ରୀତି ମିଶ୍ର ଏବଂ ପ୍ରଦର୍ଶନ କଳା ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସେହିପରି ଡକ୍ଟର ପବିତ୍ର କୁମାର ଦଣ୍ଡସେନା ଘୁଡ଼କା ନାଚ ପରିବେଷଣ କରିଥିଲେ । ଏହି ଅବସରରେ 'ସପ୍ତର୍ଷି'ର ଜାନୁୟାରୀ-ଫେବୃୟାରୀ ୨୦୨୨ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଡକ୍ଟର ନାକୁ ହାଂସଦା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ଶୁକମୁନି ମେହେର ଧନ୍ୟବାଦ ଦେଇଥିଲେ ।

## ପବ୍ଲିକ ଲାଇବ୍ରେରୀରେ ବନମାଳୀ ବାବୁ ସ୍ମାରକୀ ବକ୍ତୃତା

ସମ୍ବଲପୁର : ପୂର୍ବତନ ମନ୍ତ୍ରୀ ଓ ସାଂସଦ ବନମାଳୀ ବାବୁଙ୍କ ୧୦୩ତମ ଜୟନ୍ତୀ ଅବସରରେ ଏକ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟି) ର କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରିବେଶ ଗବେଷକ ପ୍ରଫେସର ରାହାସବିହାରୀ ପଣ୍ଡା ପର୍ଯ୍ୟାବରଣ ଓ ଜଳ ବିଷୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର ଶଙ୍କର ପ୍ରସାଦ ପତି,



ରଘୁନାଥ ମିଶ୍ର ଓ ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ମଧ ସ୍ୱର୍ଗତ ବାବୁଙ୍କ ସ୍ମୃତିଚାରଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra